# ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଠାରେ ଅନୁଷ୍ଠିତ ହେଲା ‘ନାରୀ ଶକ୍ତି ବନ୍ଦନ’ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,(ନି.ପ୍ର.): ଆଜି ବାଲେଶ୍ୱର ପ୍ରଶାସନ ପକ୍ଷରୁ ‘ନାରୀ ଶକ୍ତି ବନ୍ଦନ’ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି ।ଆଗାମୀ ଦିନରେ ଖୁବ୍ ଶୀଘ୍ର ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ପାରିତ ହେବ । ଏହା ଦ୍ୱାରା ନାରୀ ମାନେ ସାଧାରଣ ନିର୍ବାଚନରେ ୩୩% ସଂରକ୍ଷଣ ପାଇପାରିବେ ।ଏହି ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ମାନସ କୁମାର ଦତ ପତାକା ହଲାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ



ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନାରୀ ନେତ୍ରୀ ଶ୍ରୀମତୀ ମମତା ମହାପାତ୍ରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମ୍ଧ ଉପସ୍ଥିତ ଥିଲେ ।ଏହା ନାରୀ ସଶକ୍ତିକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହି ଶୋଭାଯାତ୍ରାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ସାମିଲ ହୋଇଥିଲେ । ନାରୀମାନଙ୍କର ସଶକ୍ତିକରଣ ଉପରେ ନାରା ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ ।ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଠାରେ ଶୋଭାଯାତ୍ରା ପହଂଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହା ଏକ ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ପୁରୁଷ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲା ପରେ ସେମାନେ ମଂଚ ସାମ୍ନାରେ ଶ୍ରୋତାଙ୍କ ସହିତ ବସିଥିଲେ । କେବଳ ନାରୀ ଶକ୍ତି ହିଁ ମଂଚାସୀନ ଥିଲେ । ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ନାରୀ ନେତ୍ରୀ ଶ୍ରୀମତୀ ମମତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, କେକେଏସ୍ ମହିଳା ମହାବିଦ୍ୟାଳୟର ପ୍ରିନ୍ସିପାଲ ଶ୍ରୀମତୀ ଝାନସି ଜେନା ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲାପାଳ ମୟୂର ବିକାଶ ନାରୀ ସଶକ୍ତିକରଣ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଲୁଚିକି ରହିଥିବା ନାରୀ ଶକ୍ତିକୁ ଜାଗରଣ କରିବା ପାଇଁ ସଭାରେ ଉପସ୍ଥିତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ଆଗତ କରାଯିବ ଏ ସମ୍ପର୍କରେ ଶ୍ରୀଯୁକ୍ତ ଷଡଙ୍ଗୀ ପୁଙ୍ଖାନୁପୁଙ୍ଖ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ବୁଝାଇଥିଲେ । ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାର ନାରୀ ଜାତିର ବିକାଶ ପାଇଁ ଅନେକ ଯୋଜନା ମାନ ଆଣିଛନ୍ତି । ସେଗୁଡିକ ହେଲା ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ।

# ଜିଲ୍ଲାସ୍ତରୀୟ ୮ମ ପୋଷଣ ପାଖୱାଡ଼ା ୨୦୨୬ ପାଳିତ

ବାଲେଶ୍ୱର, (ନି.ପ୍ର.) ଆଜି ଜିଲ୍ଲାସ୍ତରୀୟ ପୋଷଣ ପାଖୱାଡ଼ା ୨୦୨୬ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମହୋଦୟ ଉପସ୍ଥିତ ହୋଇ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ସହିତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ଯୋଜନା ‘ପୋଷଣ‘ ଏକ ଅଭିନବ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଏହି ଯୋଜନା ମାଧ୍ୟମରେ ଗ୍ରାମାଂଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ପରିବାରରେ ଶିଶୁ ଜନ୍ମ ପୂର୍ବରୁ ଓ ପରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ, ପୁଷ୍ଟିକର ଖାଦ୍ୟ ଶୈଳୀ ଓ ଭବିଷ୍ୟତରେ କୁପୋଷଣ ର ଶିକାର ନ ହେବା



ପାଇଁ ପୂର୍ଣ୍ଣ ସହଯୋଗ ଓ ସଚେତନତା ସୃଷ୍ଟି କରିବା ପ୍ରକୃତ ଉଦ୍ଦେଶ୍ୟ । ଅନ୍ୟ ମଂଚାସୀନ ଅତିଥି ଭାବେ ମାନ୍ୟବର ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପ-ଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ହୋଇ ଶିଶୁ ଜୀବନର ପ୍ରଥମ ଛଅ ବର୍ଷ ମସ୍ତିଷ୍କ ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଛଅ ବର୍ଷ ବୟସ ମଧ୍ୟରେ ଶିଶୁର ପ୍ରାୟ ୮୫% ମସ୍ତିଷ୍କ ବିକାଶ ଘଟିଥାଏ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି । ଏହି ପ୍ରାରମ୍ଭିକ ବର୍ଷଗୁଡ଼ିକ ଶିକ୍ଷା, ଆଚରଣ, ଉଚ୍ଚାରଣ, ଭାବପ୍ରବଣ ସୁସ୍ଥତା ଏବଂ ଭବିଷ୍ୟତର ସଫଳତା ସ୍ଥାପନର ମୂଳଦୁଆ ବୋଲି ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧିକ ସାରସ୍ୱତ କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ପର୍ଯ୍ୟବେକ୍ଷକ, ପ୍ରୋଗ୍ରାମ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତା ଓ ବ୍ଲକ୍ ସଂଯୋଜକ ପୋଷଣ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣିଗ୍ରାହୀ ମଂଚ ସଂଚାଳନ କରିଥିଲେ । ପରିଶେଷରେ ଜିଲ୍ଲା ସଂଯୋଜକ ପୋଷଣ ପଲ୍ଲୀଶ୍ରୀ ମାଡାମ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ ।

# ବିଜେପି ପକ୍ଷରୁ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ

ବାଲେଶ୍ୱର(ନି.ପ୍ର.)ମଙ୍ଗଳବାର ସକାଳ ୮ ଘଟିକା ସମୟରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଜେପି ଏସ୍.ସି. ମୋର୍ଚ୍ଚା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ରହି ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶ୍ୟୁ ରାମ ପରିଡ଼ା, ଜିଲ୍ଲା ସମ୍ପାଦିକା ରାବିତା ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା,



ମହେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ମାନସ ମହାନ୍ତି, ରଘୁନାଥ ପରିଡ଼ା, ପ୍ରଫୁଲ୍ଲ ଦ୍ୱିବେଦୀ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ମଳୟ କୁମାର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ସାହା, କାଉନ୍ସିଲର୍ ସିବୁନ ରୟ, କାମେଶ୍ୱର ମହାଳିକ, ପଦ୍ମଲୋଚନ ମହାଳିକ, ଅଶୋକ ଖଟୁଆ, ତପନ ବେହେରା, ସଞ୍ଜୟ ମହାଳିକ, ବିଶିକେଶ ମହାଳିକ, ଗଣେଶ ସେଠୀ, ଅଜୟ ମହାଳିକ, ବିଜୟ କୁମାର ମହାଳିକଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ମାଲ୍ୟାର୍ପଣ ପରେ ସମସ୍ତେ ଏକ ସ୍ୱରରେ ‘ଆମ୍ବେଦକର ଅମର ରହେ‘ର ନାରା ଦେଇ ମହାନ ଆତ୍ମାକୁ ମନେପକାଇଥିଲେ ।

# ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍: ରାଉରକେଲା ଅଭିମୁଖେ ବାଲେଶ୍ୱର ସବ୍-ଜୁନିୟର ମହିଳା ଦଳ

ବାଲେଶ୍ୱର(ନି.ପ୍ର.) ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜ୍ୟସ୍ତରୀୟ ସବ୍-ଜୁନିୟର ମହିଳା ହକି ଚାମ୍ପିଅନସିପ୍-୨୦୨୬ ରେ ଭାଗ ନେବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି । ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ



ପୂର୍ଣ୍ଣଚନ୍ଦ୍ର ଜେନା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି ।‘ଆମର ଆଶା ଓ ବିଶ୍ୱାସ ଅଛି ଯେ ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜ୍ୟସ୍ତରରେ ଉତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ ।‘ — ଜିଲ୍ଲା ପ୍ରଶାସନ ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ବାଲେଶ୍ୱରର କ୍ରୀଡ଼ାପ୍ରେମୀମାନେ ଦଳର ସଫଳତା କାମନା କରିଛନ୍ତି ।

# ପଶ୍ଚିମବଙ୍ଗ ନାରାୟଣଗଡ ନିର୍ବାଚନ ମଣ୍ଡଳୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜନ୍ମଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.)ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ଜନ୍ମଦିବସ ଆଜି ପଶ୍ଚିମବଙ୍ଗର ନାରାୟଣଗଡ଼ ନିର୍ବାଚନ ମଣ୍ଡଳୀରେ ପାଳିତ ହୋଇଯାଇଛି । ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ପାଇଁ ଶ୍ରୀ ସାମଲ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରୁଥିବା ବେଳେ ନାରାୟଣଗଡ଼ ନିର୍ବାଚନ ମଣ୍ଡଳୀର ମକରାମପୁର ଠାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତାମାନେ ଏକତ୍ରିତ ହୋଇ ତାଙ୍କର ଜନ୍ମଦିବସ ପାଳନ କରିଥିଲେ । ଏହି ଅବସରରେ ଏକ କେକ୍ କଟାଯିବା ସହ ରାଜ୍ୟ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଥିଲା । କାର୍ଯ୍ୟକ୍ରମରେ ବିଜେପି ନେତା ତଥା ବାଲେଶ୍ୱର-ଭଦ୍ରକ ସେଂଟ୍ରାଲ କୋଅପରେଟିଭ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ବାଲେଶ୍ୱର ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ବାଦଲ ଦାସ, ଆଲୋକ ସାହୁ, ଅଜୟ ସାମଲ, ସିମନ୍ ଦାସମହାପାତ୍ର, ଦେବବ୍ରତ ମିଶ୍ର,ଉମେଶ ବେହେରା, ମୃତ୍ୟୁଞ୍ଜୟ ରାୟ ମହାପାତ୍ର, ଶକ୍ତିପଦ ରାୟ, ଶରତ ବେହେରା, ଅନିରୁଦ୍ଧ ପ୍ରଧାନ, ସତ୍ୟଶୋଭନ ମିଶ୍ର, ଚନ୍ଦନ କର, ବିଜୟ ଭୂୟାଁ, ଜୀବନ ମଲ୍ଲିକ, ସିମନ୍ ସାମଲ ଓ ଦିଲ୍ଲୀପ ଜେନାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମକର୍ତା ଉପସ୍ଥିତ ଥିଲେ । ପୂର୍ବତନ ସାଂସଦ ଶ୍ରୀ ଜେନା ମହାପ୍ରଭୁଙ୍କ ନିକଟରେ ଶ୍ରୀ ସାମଲଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିବା ସହ ତାଙ୍କର ସାଂଗଠନିକ ଦକ୍ଷତା ରାଜ୍ୟରେ ଦଳକୁ ଆହୁରି ମଜବୁତ କରିବ ବୋଲି ଏହି ଅବସରରେ କହିଥିଲେ ।



# ଈଶାଣୀ ବୈଶାଖୀ ମହୋତ୍ସବ ଉଦ୍ଯାପିତ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ପଡ଼ିଆ ତଥା ‘ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟେଡିୟମ୍’ରେ ‘ବୈଶାଖୀ ମହୋତ୍ସବ’ ଏକାଦଶ ସଂସ୍କରଣର ଚତୁର୍ଥ ଏବଂ ପ□ମ ସନ୍ଧ୍ୟା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ୪ର୍ଥ ସନ୍ଧ୍ୟାରେ ମହୋତ୍ସବର ଉପସଭାପତି ନରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ବକ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଦୀର୍ଘ ୧୧ ବର୍ଷର ସ୍ମୃତିକୁ ମନେପକାଇ ବାଲେଶ୍ୱର ଉପକୂଳବ□ୀ ପ୍ରାୟ ୪୦ ଖଣ୍ଡ ଗ୍ରାମା□ଳବାସୀଙ୍କ ଉତ୍ସାହ ଉଦ୍ଦୀପନାକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବରେ ଦୈନିକ ‘ସକାଳ’ ଉ□ର ଓଡ଼ିଶା ସଂସ୍କରଣର ମୁଖ୍ୟ ଅସୀମ ମହାପାତ୍ର, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି



ଗିରିଶ ଚନ୍ଦ୍ର ଦାଶ, ବିଶିଷ୍ଟ ଜନବାଦୀ କର୍ମୀ ସୁବକ୍ତା ଅରୁଣ ଜେନା ଏବଂ ଯୁବଉଦ୍ୟୋଗୀ ଚନ୍ଦ୍ରଶେଖର ରାଉତ ପ୍ରମୁଖ ଉପସ୍ଥିତ ଜନସମାବେଶକୁ ସାଧୁବାଦ ଜଣାଇଥିଲେ । ନବଭାରତ ଗଠନର ପିତାମହ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀ - ଏ ମାଟିରେ ପାଦସ୍ପର୍ଶ କରି ଶାନ୍ତି, ମୈତ୍ରୀ ଓ ପ୍ରଗତିର ସତ୍ୟାଗ୍ରହ ପ୍ରେରଣା ଆଣିଦେବା ଈଶାଣୀ ମାଟିର ଶ୍ରେଷ୍ଠ ପୁରସ୍କାର ବୋଲି ଅତିଥିବର୍ଗ ନିଜନିଜର ପ୍ରାଣସ୍ପର୍ଶୀ ବକ୍ତବ୍ୟ ରଖିଥିଲେ । ଉଦ୍ଯାପନୀ ସନ୍ଧ୍ୟାରେ ସମବେତ ହଜାର ହଜାର ଭକ୍ତାଲୁ ବାଜା, ହୁଳହୁଳି ଶବ୍ଦରେ ପ୍ରକମ୍ପିତ କରିଥିବା ଗହଳି ଭିତରେ ମୁଖ୍ୟଅତିଥି ଓ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ପାଟ ଭକତାମାନଙ୍କୁ ଏବଂ ପୂଜ୍ୟ ପୂଜକଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ଉଡ଼ାଯାତ୍ରାର ଶୁଭ ଉଦ୍ଘାଟନ କରିଥିଲେ । ଉଦ୍ଯାପନୀ ମଂଚରେ ଉପସ୍ଥିତ ଅତିଥିବର୍ଗ ଶୁଭେଚ୍ଛୁ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାମାଜିକ କର୍ମୀ ବିରଳ ସଂଗ୍ରାହକ ସର୍ବେଶ୍ୱର ଦାସ, ସାରଗାଁର ପୂର୍ବତନ ସରପ□ ରବୀନ୍ଦ୍ର ନାୟକ, ସାରଗାଁର ନାଏକ ସରପ□ ମନ୍ମଥ ମାଝୀ, ଆଇନଜୀବୀ ସତ୍ୟେନ୍ଦ୍ର ରାଉତ, ବୈଶାଖୀ ମହୋତ୍ସବର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ ପ୍ରମୁଖ ନିଜନିଜର ସଂବେଦନଶୀଳ ସଂଘର୍ଷମୂଳକ ବକ୍ତବ୍ୟରେ ଲବଣ ସତ୍ୟାଗ୍ରହ ମିନିଷ୍ଟେଡିୟମ୍‌ର ପୂର୍ଣ୍ଣାଙ୍ଗ ନିର୍ମାଣ ବାବଦରେ ଅଂଚଳର ଲୋକପ୍ରତିନିଧି, ସରକାରୀ କ□ୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ‘ମଣିଷର ସେବା ହିଁ ବୈଶାଖୀ ମହୋତ୍ସବର ଏକମାତ୍ର ଉଚ୍ଚାରଣ’ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସବୁଥର ପରି ଏ ବର୍ଷ ମଧ ଶ୍ରୀମତୀ ବାସନ୍ତୀ ପାତ୍ରଙ୍କ ପ୍ରକାଶିତ ଓ ଉପସଭାପତି କବି ଶ୍ରୀଦେବଙ୍କ ସଂପାଦିତ ‘ବୈଶାଖୀ’ ଶିରୋନାମାରେ ପ୍ରକାଶିତ ସ୍ମରଣିକାକୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ରବୀନ୍ଦ୍ର ଜେନା ଓ ମୁଖ୍ୟବକ୍ତା ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା ଦ୍ୱାରା ଲୋକାର୍ପିତ କରାଯାଇଥିଲା । ଉଦ୍ଯାପନୀ ସନ୍ଧ୍ୟା କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ହୋଇଥିଲାବେଳେ କାର୍ଯ୍ୟକାରୀ ସଦସ୍ୟ ଡମ୍ବରୁଧର ଦାସ ତାଙ୍କ ‘ଶେଷକଥା’ ରଖିଥିଲେ । ଏହି ଉପଲକ୍ଷେ ସାଥୀ ସଦସ୍ୟ ସଦସ୍ୟାମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ସହଯୋଗପାଇଁ ଅନୁଷ୍ଠାନର ସଭାପତି ଓ ସଂପାଦକଙ୍କ ଦ୍ୱାରା ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର କର୍ମକ□ା ସଂଗୀତାଶ୍ରୟୀ ଶ୍ରୀକାନ୍ତ ଦାସ ଓ ସାଥୀମାନଙ୍କ ଦ୍ୱାରା ‘ସ୍ୱାଗତ ସଂଗୀତ’ ପରିବେଷଣ କରିଥିବାବେଳେ ‘ବନ୍ଦେ ମାତରମ୍ ସଂଗୀତ’ରେ ଉଦ୍ଯାପନ କରାଯାଇଥିଲା ।

# ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ କଳିଙ୍ଗ ସେନାର ମାଧବ ସେବା କାର୍ଯ୍ୟକ୍ରମ




ବାଲେଶ୍ୱର(ନି.ପ୍ର.)କଳିଙ୍ଗ ସେନା ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଆ ବର୍ଷ ଏବଂ ବିଷୁବ ସଂକ୍ରାନ୍ତି ଗାନ୍ଧୀସ୍ମୃତି ଭବନ ଓଟି ରୋଡ଼ ପାର୍ଶ୍ୱରେ ପାଳନ ହୋଇଯାଇଛି । ଏଥିରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଶହେରୁ ଉର୍ଦ୍ଧ୍ୱ ରିକ୍ସା ଚାଳକଙ୍କୁ ଛତା, ଟୋପି ଓ କଳା ଚଷମା ସହ ପଣା ବଂଟନ କରାଯାଇଥିଲା । ଏଥିରେ କଳିଙ୍ଗ ସେନାର ଜିଲ୍ଲା ଆବାହକ ହେମନ୍ତ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ, ଉପସଭାପତି ଦୀନେଶ ଚନ୍ଦ୍ର ବିଶୋଇ, ଉପଦେଷ୍ଟା ସୁବ୍ରତ ପୃଷ୍ଟି, ସାଧାରଣ ସଂପାଦକ ସୁରେନ୍ଦ୍ର ବେହେରା, ସଂପାଦକ ସ୍ୱଦେଶୀ ମହାର୍ଣ୍ଣା, ଦୃଜୟ ଦାସ, ଉପସଭାପତି ଗେ ?ରଶଙ୍କର ପଣ୍ଡା, ଯୁବନେତା ଇଶ୍ୱର ଦାସ, ଦୀନବନ୍ଧୁ ମହାଳିକ, ସରୋଜ ବାରିକ, ସନ୍ତୋଷ ପଣ୍ଡା, କେ ?ଶିକ ଶତପଥୀ, ଶରତ ଦାସ, ଜିତ୍ ? ମହାପାତ୍ର, ସନ୍ତୋଷ ଦାସ, ରାହୁଲ ଦାସ, ବିକାଶ ଦାସ, ଗଣେଷ ମହାନ୍ତି, ଜ୍ୟୋତିପ୍ରକାଶ ବାରିକ, ଆର୍ଶିବାଦ ବାରିକ, ଦୀପକ ସାମଲ, ସେ ?ରଭ ଦାସ, ପ୍ରଣୟ କୁମାର ଗିରି, ଶୁଭମ ଦାସ, ଗଜେନ୍ଦ୍ର ସିଂ, ସମୀର ଘଡେଇ, ବିଭୁ କିଶୋର ପଣ୍ଡା, ତନ୍ମୟ ଦାସ, ଓମ୍ ପ୍ରକାଶ ବାରିକ, ଦୀପକ ଦାସ, ଶୁଭ୍ରକାନ୍ତ ଦାସ, ସୁବତ୍ର ଭାଟ୍ ?, ହରେନ୍ଦ୍ର ସିଂ, ନରେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ଦ୍ୱାରା ପାନୀୟ ଜଳ ଯୋଗାଣ ସେବାକାର୍ଯ୍ୟ

ବାଲେଶ୍ୱର,(ନି.ପ୍ର.): ପ୍ରତିବର୍ଷ ଭଳି ଏବର୍ଷ ତା ୧୪-୦୪-୨୦୨୬ ରିଖ ଓଡ଼ିଆ ନବବର୍ଷ ଅବସରରେ ‘ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ’ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ୍ ସମ୍ମୁଖରେ ଗ୍ରୀଷ୍ମଦାଉରୁ ରକ୍ଷା ନିମନ୍ତେ ପାନୀୟ ଜଳ ଆବଶ୍ୟକତା ଦୃଷ୍ଟିରୁ ଯାତାୟତ କରୁଥିବା ଯାତ୍ରୀ ତଥା ଅନ୍ୟ ସର୍ବସାଧାରଣଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ସେବାର ସୁବନ୍ଦୋବସ୍ତ କରାଯାଇଅଛି । ଉକ୍ତ ପାନୀୟ ଜଳ ଛାତ୍ରସଂଘର ସଭାପତି ଶ୍ରୀଯୁକ୍ତ ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଆୟୋଜନ କରାଯାଇ ରେଳ ପ୍ରଶାସନିକ ଅଧିକାରୀ ଏ.ଡି.ଇ.ଏନ୍ (A.D.E.N) ଶ୍ରୀଯୁକ୍ତ ରାମ ନାରାୟଣଙ୍କ ହସ୍ତରେ ଉଦ୍‌ଘାଟିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ସଦସ୍ୟ/ସଦ୍ୟା ବହୁ ସଂଖ୍ୟାରେ





ଯୋଗଦାନ କରିଥିଲେ । ଏମାନଙ୍କ ମଧ୍ୟରେ ଉପଦେଷ୍ଟା - ରମେଶ ଚନ୍ଦ୍ର ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବଙ୍କିମ ଚନ୍ଦ୍ର ପତି ତଥା ଗଗନ ଚନ୍ଦ୍ର ଦଳାଇ, ଅନୀଲ କୁମାର ଦାସ, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଅଭିରାମ ନାୟକ, ଗିରିଧାରୀ ବିନ୍ଧାଣୀ, ଅକ୍ଷୟ କୁମାର ପଣ୍ଡା, ସତ୍ୟରଞ୍ଜନ ରାଉତ, ପି.କେ. ଚୌଧୁରୀ, ରଘୁନାଥ ତ୍ରିପାଠୀ, ଦେବପ୍ରସାଦ ନାୟକ, ସନ୍ତୋଷ କୁମାର ଗୋଛାୟତ, ଆର.ଏନ୍. ରାଓ, କୈଳାଶ ଚନ୍ଦ୍ର ଖିଲାର, ପଦ୍ମନାଭ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକୁ ପ୍ରଶଂସା ପୂର୍ବକ ବାଲେଶ୍ୱର ଷ୍ଟେସନ ମ୍ୟାନେଜର ସଂଘର ଆଦର୍ଶକୁ ନେଇ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଅନ୍ତେ ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ଚାଲୁରଖିବାର ଘୋଷଣା କରାଯାଇଥିଲା ।





**ଯୌବନକୁ ଏପରି କଟାଅ, ଯାହାକି ବୃଦ୍ଧ ସମୟରେ ଦୁଃଖୀ ହେବ ନାହିଁ ।**

# ଆଜିକାଲି



*ଯଦି ମାମ ପ୍ରତିକାରଶସ୍ତ୍ରଂ ଶସ୍ତ୍ରପାଣୟଃ ।*
*ଧାର୍ତରାଷ୍ଟ୍ରାରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯଦି ମୋ ପରି ନିଃଶସ୍ତ୍ର ଓ ସାହସହୀନ ଲୋକକୁ ଦେଖି ଧୃତରାଷ୍ଟ୍ରଙ୍କ ଶସ୍ତ୍ରଧାରୀ ପୁତ୍ରମାନେ ଯୁଦ୍ଧରେ ମାରି ଦିଅନ୍ତି, ତେବେ ବି ମଧ୍ୟ ତାହା ମୋ ପକ୍ଷରେ ଅଧିକ ମଙ୍ଗଳକର ହେବ


## ଅସହ୍ୟ ଗୁଳୁଗୁଳି

ଯାହାହେଉ ପାଗର ସାମାନ୍ୟ ପରିବର୍ତନ ଯୋଗୁଁ ଅସହ୍ୟ ଗୁଳୁଗୁଳି ଓ ଖରାତାତିରୁ ସାମାନ୍ୟ ଆଶ୍ୱସ୍ତଲାଭ ହୋଇଛି । ଯେଉଁଭଳି ମାର୍ଚ୍ଚ ମାସରୁ ଗୁଳୁଗୁଳି ଓ ତାତି ବଢ଼ିବା ଯୋଗୁଁ ରାଜ୍ୟର ସମସ୍ତ ନଈ, ନାଳ ଗୁଡ଼ିକ ପ୍ରାୟତଃ ଶୁଖିବାରେ ଲାଗିଥିଲା । ପିଇବା ପାଣିର ସମସ୍ୟା ଅଦ୍ୟାବଧି ଗାଁଗଣ୍ଡା ମାନଙ୍କରେ ରହିଛି । କେଉଁଠି ଚୁଆ ଖୋଳି ଗାଁ ଲୋକମାନେ ଗରା, ବାଲଟିରେ ପାଣି ଆଣୁଛନ୍ତି ତ ପୁଣି କେଉଁଠି ନଦୀ ପୋଖରୀ ମାନଙ୍କରୁ ପାଣି ଆଣି ବ୍ୟବହାର କରୁଛନ୍ତି । କିଛି ଜାଗାରେ ନଳକୂପ ମଧ୍ୟ ଅଚଳ ହୋଇଛି । ଯେଉଁଠି ପିଇବା ପାଣି ମିଳୁନାହିଁ ଅଭିଯୋଗ ହେବାରୁ ସରକାରଙ୍କ ପକ୍ଷରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି । ଅପରପକ୍ଷେ ବହୁ ବେସରକାରୀ ସଂସ୍ଥା ପକ୍ଷରୁ ମଧ୍ୟ ମାଗଣାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । କିନ୍ତୁ ଯଦି ଏଭଳି ତାତି ଓ ଗୁଳୁଗୁଳି ଲାଗିରହେ ତାହାଲେ ସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଆଲୋଚନା ହେଉଛି । ପୁଣି ଆଶଂକା କରାଯାଉଛି ବର୍ଷା ନ ହେବା ପର୍ଯ୍ୟନ୍ତ ଏଭଳି ତାତି ଓ ଗୁଳୁଗୁଳି ଜାରି ରହିବ । ତଥାପି ଏଭଳି ଗୁଳୁଗୁଳିରେ ଲୋକେ ଯେଭଳି ହଇରାଣ ହେଉଛନ୍ତି ସେବାନେ ସର୍ବଦା ସତର୍କତାର ସହ ରହିବା ଉଚିତ । ନଚେତ୍ କେତେବେଳେ ଅଂଶୁଘାତ ନହେବ ତାହା ମଧ୍ୟ କହି ହେବ ନାହିଁ । ଯଦିଓ ମଝିରେ ମଝିରେ ପାଗ ଦିନ ବେଳେ କୋହଲା ରହୁଛି ତଥାପି ଗୁଳୁଗୁଳି ସଂପୂର୍ଣ୍ଣ ଥମୁନାହିଁ । ଗାଁଠୁ ସହର ଯାଏଁ ଦିନ ଓ ରାତିରେ ଗୁଳୁଗୁଳି ଯୋଗୁଁ ଲୋକେ ଘର ବାହାରକୁ ଚାଲି ଆସିବା ଦୃଶ୍ୟ ଦେଖିବାକୁ ମିଳିଥିଲା ବେଳେ ବର୍ଷା ଯୋଗୁଁ ଲୋକମାନେ ଏଥିରୁ ଆଶ୍ୱସ୍ତଲାଭ କରୁଛନ୍ତି । ତଥାପି ମଝିରେ ବର୍ଷା ହେଲେ ମଧ୍ୟ ମଇ, ଜୁନରେ ଅସହ୍ୟ ତାତି ଓ ଗୁଳୁଗୁଳି ବୃଦ୍ଧି ପାଇବ ବୋଲି ଶୁଣିବାକୁ ମିଳୁଛି । ପୁଣି କୁହାଯାଉଛି ଯେ, ଆହୁରି ଏକ ସପ୍ତାହ ଧରି ଏହିଭଳି ସାରା ରାଜ୍ୟ ଗୁଳୁଗୁଳିରେ ହନ୍ତସନ୍ତ ହେବ । ଏପରିକି ଦିନ ୧୦ଟା ପରେ ପରେ ରାସ୍ତାଘାଟ ଜନଶୂନ୍ୟ ଯେଭଳି ହେଉଥିଲା ବର୍ତମାନ ସେଇ ପରିସ୍ଥିତି ସୃଷ୍ଟି ହୋଇଛି । ଏପରିକି ଅପରାହ୍ନ ୬ଟା ପର୍ଯ୍ୟନ୍ତ ତାତି ଯୋଗୁଁ ଲୋକେ ବାହାରକୁ ବାହାରି ପାରୁନାହାଁନ୍ତି । ସାରା ରାଜ୍ୟବାସୀ ଗୁଳୁଗୁଳି ଯୋଗୁଁ ଚିନ୍ତାରେ ପଡ଼ିବା ସ୍ୱାଭାବିକ ଏଇ ଦୃଷ୍ଟିରୁ ଯଦି ଗୁଳୁଗୁଳି ଆହୁରି ଅଧିକ ଦିନ ଗତିକରିବ ତାହାଲେ ଅବସ୍ଥା କଅଣ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ।

# ଖାଲସା ପନ୍ଥ ନିର୍ମାଣରେ ଓଡ଼ିଶାର ଐତିହାସିକ ଭୂମିକା

◆ ଡ. ସମନ୍ୱୟ ନନ୍ଦ

ପଣା ସଂକ୍ରାନ୍ତି ହେଉଛି ଓଡିଆ ନବ ବର୍ଷ । ତେଣୁ ଓଡିଶା ପାଇଁ ଏହା ଖୁବ ଅଧିକ ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରିଥାଏ । ହେଲେ ପଣା ସଂକ୍ରାନ୍ତିର ଦିନ ଇତିହାସରେ ଲିପିବଦ୍ଧ ହୋଇଥିବା ଏକ ଐତିହାସିକ ଘଟଣାକୁ ବୋଧ ହୁଏ ଓଡିଶାବାସୀ ମାନେ ଭୁଲି ଯାଇଛନ୍ତି । ଇତିହାସର ଛାତ୍ର ମାନେ ଜାଣନ୍ତି ଯେ, ଆଜି ଠାରୁ ପ୍ରାୟ ୩ ଶହ ୨୫ ବର୍ଷ ପୂର୍ବେ ୧୬୯୯ରେ ପଣା ସଂକ୍ରାନ୍ତି (ଯାହାକୁ ପଂଜାବରେ ବୈଶାଖୀବୋଲି କୁହାଯାଇଥାଏ) ଦିନ ସପ୍ତସିନ୍ଧୁ କ୍ଷେତ୍ରରେ ସତଲୁଜ ନଦୀ କୂଳରେ ଏକ ବିଶାଳ ରାଷ୍ଟ୍ରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଭାରତର ଦଶ ଗୁରୁ ପରମ୍ପରାର ଦଶମ ଗୁରୁ ଶ୍ରୀ ଗୋବିନ୍ଦ ରାୟ ଏହି ଆୟୋଜନ କରିଥିଲା । ସେତେବେଳେ ମଧ୍ୟ ଏସିଆର ମୋଗଲ ଇସଲାମୀ ଆକ୍ରମଣକାରୀ ମାନେ ଦେଶର ବିଭିନ୍ନ ଅଂଚଳ ଉପରେ କବଜା କରି ସାରିଥିଲେ । ଔରଙ୍ଗଜେବର ଶାସନ ଥିଲା । ସେ ଭାରତୀୟ ମାନଙ୍କୁ ଇସଲାମରେ ମତାନ୍ତରିତ କରୁଥିଲା । ବିଦେଶୀ ଆକ୍ରମଣକାରୀ ମାନେ ସାରା ଦେଶରେ ଥିବା ସଂସ୍କୃତିର କେନ୍ଦ୍ର ଅର୍ଥାତ ମନ୍ଦିର ଗୁଡିକୁ ଭାଙ୍ଗୁଥିଲେ । ଏହି କାରଣରୁ ମନ୍ଦିର ମାନଙ୍କରେ ଆରତୀ ଓ ଅନ୍ୟ ରୀତି ନୀତି ବାଧାପ୍ରାପ୍ତ ହେଉଥିଲା । ଦଶ ଗୁରୁ ପରମ୍ପରାର ପ୍ରଥମ ଗୁରୁ ନାନକ ଦେବ ଥରେ ପୁରୀ ଆସିଥିଲେ । ସେତେବେଳେ ସେ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଆରତୀକୁ କିଏ ବନ୍ଦ କରି ପାରିବ ? ସମସ୍ତ ପ୍ରକୃତି ଶ୍ରୀଜଗନ୍ନାଥଙ୍କ ଆରତୀ କରୁଛି । ଆକାଶରେ ଜଳୁଥିବା ତାରା ଗୁଡିକ ଶ୍ରୀଜଗନ୍ନାଥଙ୍କ ଆଗରେ ଦୀପ ଭାବେ ଜଳୁଛନ୍ତି । ମଳୟାନଳରୁ ଆସୁଥିବା ସୁଗନ୍ଧିତ ବାୟୁ ଶ୍ରୀଜଗନ୍ନାଥଙ୍କ ଆଗରେ ଜଳୁଥିବା ଧୂପ । ସେହି ଗୁରୁ ନାନକ ଦେବଙ୍କ ପରମ୍ପରାରେ ଦଶମ ଗୁରୁ ଗୋବିନ୍ଦ ରାୟ ସାରା ଦେଶର ଯୁବକ ମାନଙ୍କୁ ଦେଶ ଓ ଧର୍ମର ରକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପଂଜାବ ଡାକିଥିଲେ । ତାଙ୍କର ଏହି ବାର୍ତା ଓଡିଶା ଯାଏ ପହଂଚିଥିଲା । ସାରା ପୂର୍ବ ଭାରତରେ ଏ ନେଇ ଚର୍ଚ୍ଚା ଆଲୋଚନା ହେଉଥିଲା । ଓଡିଶାରେ ଗୁରୁଜୀଙ୍କ ବାର୍ତା ଗାଁ ଗାଁରେ ପହଂଚିବାରେ ଲାଗିଥିଲା । ଦେଶ ଓ ଧର୍ମର ରକ୍ଷା ପାଇଁ ମୋଗଲ ମାନଙ୍କୁ ବିତାଡିତ କରିବାର ସୁଯୋଗ ଉପନୀତ ହେଉଥିଲା । ସାରା ଦେଶ ଏକଜୁଟ ହେବାରେ ଲାଗିଥିଲା । ଯୁବକ ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳୁଥିଲା । ପୁରୀ ଶ୍ରୀମନ୍ଦିରରେ ପାଣି ଯୋଗାଉଥିବା ହିମ୍ମତ ରାୟ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ । ଏହା ସହିତ ଅନେକ ଯୁବକ ସେଠାକୁ ଯିବାକୁ ମନ ସ୍ଥିର କରି ସାରିଥିଲେ । ସମ୍ପୂର୍ଣ୍ଣ ଓଡିଶାରୁ






ଅନେକ ଯୁବକ ଭିନ୍ନ ଭିନ୍ନ ସମୂହ ହୋଇ ପଂଜାବ ଆଡକୁ ଯାଉଥିଲେ । କିନ୍ତୁ ସେମାନେ ଗୋଟିଏ କଥା ଉପରେ ସେମାନେ ଧ୍ୟାନ ଦେଉଥିଲେ । ମୋଗଲ କିମ୍ୱା ସେମାନଙ୍କ ଅଧୀନରେ ଥିବା ଶାସକ ଓ ତାଙ୍କର ଗୁପ୍ତଚର ମାନଙ୍କୁ ଏ ବିଷୟରେ ଯେପରି ସୂଚନା ନ ମିଳିବ । ହିମ୍ମତ ରାୟ ଓ ତାଙ୍କର ସାଥୀ ମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟକେ ସାଷ୍ଟାଙ୍ଗ ପ୍ରଣିପାତ କରି ପଂଜାବର ଆନନ୍ଦପୁର ସାହେବ ଅଭିମୁଖେ ବାହାରିଲେ । ତାଙ୍କ ଭିତରେ ନୂଆ ଶକ୍ତିର ସଂଚାର ହେଲା । ତାଙ୍କୁ ମନେ ହେଉଥିଲା ଯେ ସେ ମହାପ୍ରଭୁଙ୍କ ଆଦେଶରେ ଏହି ରାଷ୍ଟ୍ରୀୟ ଯଜ୍ଞରେ ସାମିଲ ହେବାକୁ ଯାଉଛନ୍ତି । ଅନେକ ମାସର ଲମ୍ବା ଯାତ୍ରା କରିବାକୁ ଥିଲା । ଧୀରେ ଧୀରେ ଏହି କଠିନ ଯାତ୍ରାକୁ ଶେଷ କରି ହିମ୍ମତ ରାୟ ନିଜର ସାଥୀ ମାନଙ୍କ ସହ ପଂଜାବର ଶିବାଳିକ ଚରଣରେ କଳ କଳ ହୋଇ ପ୍ରବାହିତ ହେଉଥିବା ସତଲୁଜ ନଦୀର କୂଳରେ ପଣା ସଂକ୍ରାନ୍ତି (ବୈଶାଖୀ)ର କିଛି ଦିନ ପୂର୍ବରୁ ପହଂଚି ଯାଇଥିଲେ । ଦେଶର କୋଣ- ଅନୁକୋଣରୁ ଲୋକ ମାନେ ଆସୁଥିଲେ । ସମସ୍ତେ ଗୁରୁଜୀଙ୍କ ସହ ମନ୍ତ୍ରଣା କରୁଥିଲେ । ପ୍ରତ୍ୟେକ ଅଂଚଳରୁ ଆସୁଥିବା ଲୋକ ମାନେ ବିଦେଶୀ ଆକ୍ରମଣକାରୀ ମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାରର କାହାଣୀ ଶୁଣାଉଥିଲେ । ହିମ୍ମତ ରାୟ , ଗୋବିନ୍ଦ ରାୟଙ୍କ ନାମ ତ ପୂର୍ବରୁ ଶୁଣିଥିଲେ ହେଲେ ପ୍ରଥମ ଥର ପାଇଁ ତାଙ୍କର ଦର୍ଶନ କରୁଥିଲେ । ସପ୍ତ ସିନ୍ଧୁ ଅଂଚଳରେ ଘଟୁଥିବା ଘଟଣା ସମ୍ପର୍କିତ ଖବର ଛାଣି ହୋଇ କିଛି କିଛି ମାତ୍ରାରେ ପୁରୀରେ ପହଂଚୁଥିଲା । କାରଣ ଅନେକ ଜାଟ, ବଲୋଚ, ସିନ୍ଧୀ, ପଶ୍ତୁନ ମାନେ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସୁଥିଲେ । ସେତେବେଳେ ବଲୋଚ ଓ ପଶ୍ତୁନ ମାନେ ଭଗବାନ ବୁଦ୍ଧଙ୍କର ଉପାସକ ଥିଲେ । ଗୋବିନ୍ଦ ରାୟଙ୍କ ଚେହେରାର ତେଜ ଦେଖି ହିମ୍ମତ ରାୟଙ୍କ ମନରେ ଦୃଢ ବିଶ୍ୱାସ ଜନ୍ମ ନେବାରେ ଲାଗିଲା ଯେ ଦେଶକୁ ମୋଗଲ ମାନଙ୍କ ଠାରୁ ସ୍ୱାଧୀନ କରାଯାଇ ପାରିବ । ପଣା ସଂକ୍ରାନ୍ତି (ବୈଶାଖୀ) ଦିନ ଗୋବିନ୍ଦ ରାୟ ଦେଶର ବିଭିନ୍ନ କୋଣ- ଅନୁକୋଣରୁ ଆସିଥିବା ଯୁବକ ମାନଙ୍କୁ ଉଦବୋଧନ ଦେବାକୁ ମଂଚ ଉପରକୁ ଚଢିଲେ । ଏଭଳି ମନେ ହେଉଥିଲା ଯେ ସୂର୍ଯ୍ୟଙ୍କର ଉଦୟ ହୋଇଯାଇଛି । ଅଗ୍ନି ଦେବ ସ୍ୱୟଂ ପ୍ରକଟ ହୋଇଯାଇଛନ୍ତି । ଗୁରୁଜୀ ନିଜ ହାତରେ ଖଡ୍ଗ ନେଇ ଗର୍ଜନା କରି କହିଲେ, ଦେଶ ଓ ଧର୍ମର ରକ୍ଷା ପାଇଁ, ମାତୃଭୂମି ପାଇଁ ନିଜର ପ୍ରାଣ ଅର୍ପଣ କରିବାକୁ କଣ କେହି ପ୍ରସ୍ତୁତ ଅଛନ୍ତି ? ଗୁରୁଜୀଙ୍କ ଏହି ସିଂହ ଗର୍ଜନା ଶୁଣି ଚାରିଆଡେ ନୀରବତା ଦେଖା ଦେଇଥିଲା । ଏହା ପରେ ଜଣେ ପରେ ଜଣେ ପାଂଚ ଜଣ ବୀର ମାତୃଭୂମି ଓ ଧର୍ମ ପାଇଁ ନିଜର ପ୍ରାଣ ଦେବାକୁ ମଂଚ ଉପରକୁ ଆସିଥିଲେ । ଇତିହାସରେ ଏହି ପାଂଚ ଜଣଙ୍କୁ ପଂଚ ପ୍ୟାରା ବୋଲି କୁହାଯାଇଥାଏ । ଏହି ପଂଚ ପ୍ୟାରା ମାନଙ୍କ ମଧ୍ୟରେ ଜଣେ ଆମ ରାଜ୍ୟର ଅର୍ଥାତ ପୁରୀର ହିମ୍ମତ ରାୟ ମଧ୍ୟ ଥିଲେ । ଗୁରୁଜୀ ଏହି ପାଂଚ ଜଣ ବୀରଙ୍କୁ ନେଇ ଖାଲସା ପନ୍ଥର ପ୍ରତିଷ୍ଠା କରିଥିଲେ । ତାଙ୍କୁ ଅମୃତ ପାନ କରା ଗଲା । ତାଙ୍କୁ ସିଂହ କରି ଦିଆଗଲା । ଏବେ ହିମ୍ମତ ରାୟ ହିମ୍ମତ ସିଂହ ହୋଇଗଲେ ଓ ଗୁରୁଜୀ ସ୍ୱୟଂ ଗୋବିନ୍ଦ ରାୟରୁ ଗୋବିନ୍ଦ ସିଂହ ହୋଇ ଯାଇଥିଲେ । ଗୁରୁଜୀ ସମ୍ପୂର୍ଣ୍ଣ ଦେଶରେ ନୂଆ ଚେତନା ଜାଗ୍ରତ କରାଇ ଦେଇଥିଲେ । ଜାତି- ପାତିକୁ ଭୁଲି ସାରା ଦେଶ ଏକ ହେଲେ ହିଁ ମୋଗଲ ମାନଙ୍କ ଠାକୁ ମାତୃଭୂମିକୁ ମୁକ୍ତ କରାଯାଇ ପାରିବ । ସମ୍ପୂର୍ଣ୍ଣ ଦେଶରୁ ଯାଇ ପଂଜାବରେ ଏକତ୍ରିତ ହୋଇଥିବା ଯୁବକ ମାନେ ଗୁରୁଜୀଙ୍କ ଏହି ବାର୍ତାକୁ ପହଂଚାଇବାକୁ ନିଜ ନିଜ ଅଂଚଳ ଆଡକୁ ଅଗ୍ରସର ହେଲେ । ହିମ୍ମତ ସିଂହଙ୍କ ସହ ପୁରୀରୁ ଯାଇଥିବା ସାଥୀ ମାନେ ମଧ୍ୟ ପ୍ରତ୍ୟାବର୍ତନ କରିବାର ପ୍ରସ୍ତୁତି କରିବା ଆରମ୍ଭ କଲେ । ହେଲେ ହିମ୍ମତ ସିଂହ ଆଉ ଏବେ ଫେରିବେ ନାହିଁ । ଏବେ ତାଙ୍କ କାନ୍ଧରେ ବଡ ଦାୟିତ୍ୱ ଆସି ଯାଇଥିଲା । ଏହି ଦାୟିତ୍ୱ ଥିଲା ଦେଶକୁ ମୋଗଲ ମାନଙ୍କ କବଳରୁ ମୁକ୍ତ କରିବାର ଦାୟିତ୍ୱ । ତାଙ୍କର ସାଥୀ ମାନଙ୍କର ଆଖିରୁ ଲୁହ ବାହାରୁଥିଲା । ଏଭଳି ଭାବେ ସେମାନେ ବିଦାୟ ନେଲେ । ୧୭୦୫ ମସିହା ଡିସେମ୍ବର ମାସ ୭ ତାରିଖ ଦିନ ଗୁରୁ ଗୋବିନ୍ଦ ସିଂହଙ୍କ ନେତୃତ୍ୱରେ ମୋଗଲ ମାନଙ୍କ ସହ ମାତୃଭୂମିର ରକ୍ଷା ପାଇଁ ଲଢେଇ କରି ହିମ୍ମତ ସିଂହ ସର୍ବୋଚ୍ଚ ବଳିଦାନ ଦେଇଥିଲେ । କିନ୍ତୁ ଓଡିଶା ବୋଧ ହୁଏ ତାର ଏହି ବୀର ସୁପୁତ୍ରକୁ ଭୁଲି ଗଲା । ଆଜି ତାଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଜଣାଇବାର ସମୟ । ସମଗ୍ର ଓଡିଶା ତାଙ୍କ ନିକଟରେ ସର୍ବଦା କୃତଜ୍ଞ ରହିଥିବ ଓ ଆଗାମୀ ପୀଢୀ ମାନେ ତାଙ୍କ ଜୀବନରୁ ପ୍ରେରଣା ନେଉଥିବେ ।

## ଆମ ଗାଁ ଠାକୁରାଣୀ

◆ ରେବତୀ ମହାନ୍ତି




ଆମ ଗୋପାଳଗାଁର ଠାକୁରାଣୀ
ନାମ ତା'ର ବୁଢ଼ୀ ପଷ୍ଟିମାଣୀ
ବସି ଅଛୁ ମାଆ ଓଢ଼ଣାଟାଣି
ଭକତ ମାନଙ୍କ ମନ ନେଉଛୁ କିଣି ।।
ଦେହରେ ତୋର ଲାଲିକଳା ଶାଢ଼ୀ
ହାତରେ ତୋର ଲାଲି ଶଂଖାଚୁଡ଼ି
ଗଳାର ତୋର ମନ୍ଦାରଗାର
ଦିଶୁଅଛି ଆହା କି ସୁନ୍ଦର
ମୁଣ୍ଡରେ ତୋର ସିନ୍ଦୁରଗାର
ତୋ ପାଇଁ ଆଣିଛୁ ବେଲ ପତର ।।
କପାଳେ ତୋର ସିନ୍ଦୁର ଟୋପା
ପାଦରେ ପିନ୍ଧିଛୁ ଲାଲି ଅଳତା ।।
ନିତି ଦେଉଛି ଧୂପ ଆଉ ଝୁଣା
ମନ କରିବୁନି କେତେ ତୁ ଉଣା ।।
ବାହାରକୁ ଗଲେ ତୋ ନାମ ଧରି
ଧୂପଦୀପଟି ତୋ ପାଖେ ଜାଳି ।।
ମାଆଲୋ ମାଆ ମଙ୍ଗଳା ମାଆ
ତୁ ତୋ ମୋର ସବୁଠି ସାହା ।।
ମଥାରେ ତୋର ସିନ୍ଦୁର ଟୋପା
ମୋ କଥା ତୋତେ ନାହିଁ ଅଛପା ।।
ଆମ ଗୋପାଳ ଗାଁର ଠାକୁରାଣୀ
ମୋ ମନକୁ ତୁ ନେଇଛୁ କିଣି ।।
ଜନମ ଦିନ ତ ପଣାସଂକ୍ରାନ୍ତି
ତୋ ପାଖେ ନାହିଁ ଜାତି ଅଜାତି ।।
ଭୋଗରେ ତୋ ପାଖେ ଲାଗୁଛି ପଣା
ମାଆ ଲୋ ତୋତେ ସବୁ କଥା ଜଣା ।।
କରୁଛୁ ତୋତେ ମୁଁ କଟି ଜୁହାର
ଗୋପାଳ ଗାଁର ମୋରି ଘର ।।

*ଗୋପାଳଗାଁ, ବାଲେଶ୍ୱର*

# ନୋବେଲ ବିଜେତା ଫ୍ରାନ୍‌ସ

◆ଡ଼ଃ. ଅରୁନ୍ଧତୀ ଦେବୀ



ଆଧୁନିକ ଫରାସୀ ସାହିତ୍ୟ ଜଗତର ଅନ୍ୟତମ ପ୍ରସିଦ୍ଧ ଲେଖକ ହେଉଛନ୍ତି ଅନଡୋଲ ଫ୍ରାନ୍‌ସ । ଆଦର୍ଶ ଫରାସୀ ପତ୍ର ଲେଖକ ଭାବେ ସେ ପରିଚିତ । ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଗ୍ରନ୍ଥାଗାରିକ ତଥା ସାମ୍ବାଦିକ । ବ୍ୟଙ୍ଗ ଓ ସଂଶୟବାଦ ଦ୍ୱାରା ତାଙ୍କ ଲେଖା ଗୁଡ଼ିକ ପରିପୁଷ୍ଟ । ୧୯୨୧ରେ ସାହିତ୍ୟ ପାଇଁ ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଫ୍ରାନ୍‌ସଙ୍କ ପିତା ଥିଲେ ଜଣେ ପୁସ୍ତକ ବିକ୍ରେତା । ପୁସ୍ତକ ମେଳରେ ଫ୍ରାନ୍‌ସଙ୍କ ସାରା ଜୀବନ କଟିଥିଲା । ସେ ବହି ରଖିବାକୁ, ସଂଗ୍ରହ କରିବାକୁ, ପଢ଼ିବାକୁ ଓ ଲେଖିବାକୁ ଅତି ଭଲପାଉଥିଲେ । ଇଂରେଜୀରେ ବିବ୍‌ଲିଓଫାଇଲ୍ । ପିତାଙ୍କ ବହି ଦୋକାନର ନାମ ଥିଲା ଲାଇବ୍ରେରି ଫ୍ରାନ୍‌ସ । ଫରାସୀ ବିପ୍ଳବ ସଂପର୍କିତ ବହୁ ମୂଲବାନ ନଥିପତ୍ର ସେଠାରେ ସୁରକ୍ଷିତ ଥିଲା । ତେଣୁ ଅନେକ ଐତିହାସିକ, ଲେଖକ, ବିଦ୍ୱାନ ନିୟମିତ ଭାବେ ସେଠାକୁ ଆସୁଥିଲେ, ପଢ଼ାପଢ଼ି କରୁଥିଲେ । ସାଧାରଣ ବିଦ୍ୟାଳୟ ଶିକ୍ଷା ପରେ ଫ୍ରାନ୍‌ସ, ପିତାଙ୍କ ଦୋକାନରେ କାମ କରିବା ଆରମ୍ଭ କରିଥିଲେ । ବହି ପ୍ରତି ବିଶେଷ ରୁଚି ଯୋଗୁଁ ପରେ ତାଙ୍କୁ ଫରାସୀ ସିନେଟ୍‌ରେ ଗ୍ରନ୍ଥାଗାରିକ ଭାବେ ନିଯୁକ୍ତି ମିଳିଥିଲା । ଫ୍ରାନ୍‌ସ କବି ଓ ସାମ୍ବାଦିକ ଭାବେ ଲେଖକ ଜୀବନ ଆରମ୍ଭ କରିଥିଲେ ଏବଂ ପରେ ଉପନ୍ୟାସ ଲିଖନରେ ମନଦେଇଥିଲେ । ଉପନ୍ୟାସ ହିଁ ତାଙ୍କୁ ପ୍ରତିଷ୍ଠିତ କରାଇଥିଲା । ଫରାସୀ ବିପ୍ଳବ ଆଧାରରେ ତାଙ୍କ ଦ୍ୱାରା ରଚିତ ରାଜନୈତିକ ଉପନ୍ୟାସ ହେଉଛି ଦ ଗଡ଼୍‌ସ ଆର୍ ଏଥ୍ରିଷ୍ଟ । ବିପ୍ଳବର ଅନ୍ୟତମ ମୁଖ୍ୟ ରକ୍ତପିପାସୁ ନାୟକ ରବ୍‌ସ ପିୟର୍ସ ଓ ତାଙ୍କ ସମର୍ଥକମାନେ ଏଥିରେ ଚିତ୍ରିତ । ମଣିଷ ଚରିତ୍ରକୁ ବ୍ୟଙ୍ଗ କରି ସେ ଲେଖିଥିଲେ ଦ ପେଙ୍ଗୁଇନ୍ ଆଇଲାଣ୍ଡ । ପେଙ୍ଗୁଇନ୍ ମାନେ ମଣିଷକୁ ରୂପାନ୍ତରିତ ହେବା ପରେ ଜଣେ ଧର୍ମଯାଜକ ସେମାନଙ୍କୁ ଦୀକ୍ଷିତ କରାଉଛନ୍ତି, ଏ ଭଳି ବିଦ୍ରୁପାତ୍ମକ କଥା ବସ୍ତୁ ଉପରେ ଉପନ୍ୟାସଟି ଆଧାରିତ । ଦ ରିଭଲ୍‌ଟ ଅଫ୍ ଦ ଏଞ୍ଜେଲ୍‌ସ, ହନି ବି, ଥାଇସ୍, ଦ ରେଡ଼ ଲିଲି ଆଦି ତାଙ୍କର ଅନ୍ୟ ପ୍ରସିଦ୍ଧ କୃତି । ତାଙ୍କର ସମସ୍ତ ରଚନାକୁ ମୃତ୍ୟୁର ଦୁଇ ବର୍ଷ ପୂର୍ବରୁ ୧୯୨୪ରେ କ୍ୟାଥଲିକ୍ ଗିର୍ଜା ବ୍ୟବସ୍ଥା ନିଷିଦ୍ଧ କରିଥିଲା । ନିଷେଧାଦେଶ ଉଠିଥିଲା ୧୯୬୬ରେ । ବ୍ୟକ୍ତିଗତ ଜୀବନରେ ଫ୍ରାନ୍‌ସ ଦୁଇଥର ବିବାହ କରିଥିଲେ ଏବଂ ଦୁଇଜଣ ପ୍ରତିଷ୍ଠିତ ମହିଳାଙ୍କ ସହ ଅନ୍ତରଙ୍ଗ ସଂପର୍କ ରଖିଥିଲେ । ବିଶ୍ୱ ବିଖ୍ୟାତ ଏହି ନୋବେଲ ବିଜେତାଙ୍କ ଜୀବନନାମା ବେଶ ଚର୍ଚ୍ଚିତ । ଅନେକ ପାଠକ ହୁଏତ ଜାଣି ନଥିବେ ଯେ ଏହି ବିଶ୍ୱବିଖ୍ୟାତ ବ୍ୟକ୍ତିତ୍ୱଙ୍କ ଜୀବନ ଶୈଳୀ ମଧ୍ୟ ଥିଲା ବେଶ୍ ଖୋଲା । ତାଙ୍କ ରଚିତ ସ୍ତମ୍ଭ ଓ ଲେଖନୀ ପୃଥିବୀର ସର୍ବାଧିକ ବିକ୍ରେତା ବା ବେଷ୍ଟ ସେଲରର ମଧ୍ୟ ମାନ୍ୟତା ପାଇଛି । ଏହି ନୋବେଲ ବିଜେତା କେବଳ ଜଣେ ଲେଖକ, ସାମ୍ବାଦିକ ଓ ଔପନ୍ୟାସିକ ନଥିଲେ ବରଂ ଜଣେ ଭ୍ରମଣପ୍ରିୟ ବ୍ୟକ୍ତିତ୍ୱ ଥିଲେ । ଏହାସହିତ ଛୋଟ ଛୋଟ ପିଲାମାନଙ୍କ ସହିତ ଗଢ଼ି ଉଠିଥିବା ଅନେକ ଦାତବ୍ୟ ସଙ୍ଗଠନ ସହ ସେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କ ଜୀବନ କାଳ ଭିତରେ ଅର୍ଜି ଥିବା ଅନେକ ଅର୍ଥର ସିଂହଭାଗ ସେ ବିଭିନ୍ନ ଦାତବ୍ୟ ସଂସ୍ଥାକୁ ଦାନ କରିଦେଇଥିଲେ । ପୃଥିବୀର କ୍ୱଚିତ୍ ଭାଗ୍ୟବାନ ନୋବେଲ ବିଜେତାଙ୍କ ଭିତରେ ସେ ହେଉଛନ୍ତି ଅନ୍ୟତମ ଯିଏ କି ପୃଥିବୀର ବେଶ ଲୋକପ୍ରିୟ ୧୪ଟି ବିଭିନ୍ନ ରାଷ୍ଟ୍ରୀୟ ଭାଷା ଉପରେ ତାଙ୍କର ଦଖଲ ଥିଲା । କେବଳ ତାହାନୁହେଁ ସେ ଲେଖାଲେଖି ମଧ୍ୟ ବେଶ ଭଲ ଭାବରେ କରୁଥିଲେ । ୧୮୪୪ ଏପ୍ରିଲ ଆଜିର ଦିନରେ ଏହି ମହାନ୍ ଲେଖକ ଜନ୍ମ ହୋଇଥିଲେ

## ଚାର୍ଲି ଚାପ୍‌ଲିନ୍

◆ ଅଭୟ କୁମାର ଦାସ



ଚାର୍ଲସ୍ ସ୍ପେନ୍‌ସର ବିଶ୍ୱପ୍ରସିଦ୍ଧ ହାସ୍ୟ ଅଭିନେତା ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଥିଲେ । ଚାପଲିନ୍‌ଙ୍କୁ ବିଶ୍ୱ ଇତିହାସର ମହାନତମ ଅଭିନେତା ଭାବରେ ମଧ୍ୟ ଗଣାଯାଇଥାଏ । ଆମେରିକୀୟ ସିନେମାର କ୍ଲାସିକାଲ୍ ହଲିଉଡ୍ ଯୁଗର ଆରମ୍ଭରୁ ଅନେକ ଦିନ ପର୍ଯ୍ୟନ୍ତ ସେ ଅଭିନୟ ଦୁନିଆରେ ନିଜର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଛାଡ଼ିଯାଇଥିଲେ । ଚାପଲିନ୍ ମୂକ ଚଳଚ୍ଚିତ୍ର ଯୁଗର ସର୍ବାଧିକ ସୃଜନଶୀଳ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ ଥିଲେ, ଯିଏକି ନିଜ ଅଭିନୟ, ନିର୍ଦ୍ଦେଶନା, ଚିତ୍ରନାଟ୍ୟ ରଚନା, ସଂଗୀତ ନିର୍ଦ୍ଦେଶନା ଆଦି କାର୍ଯ୍ୟରେ ଅସାଧାରଣ ଦକ୍ଷତାର ପରିଚୟ ଦେଇଥିଲେ । ଇଂଲଣ୍ଡର ଭିକ୍ଟୋରିଆନ୍ ମଂଚ□ ଓ ସଂଗୀତ କକ୍ଷରୁ ଏକ ଶିଶୁ କଳାକାର ଭାବେ କ୍ୟାରିଅର ଆରମ୍ଭ କରିଥିବା ଚାର୍ଲି ଚାପଲିନ୍ ୮୮ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘ ୭୫ ବର୍ଷ ଧରି ନିଜର ଉଚ୍ଚସ୍ତରୀୟ ଅଭିନୟ ପ୍ରତିଭାର ଚମତ୍କାର ନିଦର୍ଶନ ଦେଖାଇ ଯାଇଛନ୍ତି । ବିଶେଷକରି ତାଙ୍କର ହିଟ୍‌ଲର ଷ୍ଟାଇଲ୍ ଅଧାନିଶ ପ୍ରଶଂସକଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଥିଲେ । ଚାପଲିନ୍‌ଙ୍କ ଆତ୍ମଜୀବନୀରେ ମାର୍ଟିନ୍ ସିଏଫ୍ ଲେଖିଛନ୍ତି, ଏକ ଯୁଦ୍ଧ ପ୍ରଭାବିତ ବିଶ୍ୱରେ ଯେତେବେଳେ ସମସ୍ତେ ଘୃଣା, ହିଂସା, ଅସହିଷ୍ଣୁତା ମଧ୍ୟ ଦେଇ ଗତି କରୁଥିଲେ, ସେତିକିବେଳେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଭଳି ଅଦ୍ଭୁତ କାର୍ଯ୍ୟ କରିପାରିଥିଲେ ଚାର୍ଲି ଚାପଲିନ୍ । ଏହି ମହାନ ଅଭିନେତା ତଥା ନିର୍ଦ୍ଦେଶକ ୧୮୮୯ ମସିହା ଏପ୍ରିଲ ୧୬ ତାରିଖରେ ଲଣ୍ଡନରେ ଜନ୍ମଗ୍ରହଣ କରିଥିଲେ ।

*ଗୋତରା, ମାହାଙ୍ଗା, କଟକ*

## ତୀର୍ଯ୍ୟକ: କହିଲେ କହିବ କହୁଛି

ପୂଣ୍ୟ ମାସ ବୈଶାଖର ପ୍ରଥମ ଦିନ । ଚାରିଆଡ଼େ ଗ୍ରାମ୍ୟ ପାରଂପରିକ ସଂସ୍କୃତି ପାର୍ବଣର ମାହୋଲ । ଗ୍ରାମ ଏବଂ ସହରର ପ୍ରତ୍ୟେକ ମନ୍ଦିର ଗୁଡ଼ିକରେ ଭକ୍ତ ମାନଙ୍କ ଭିଡ଼ । ଘର ଅଗଣାର ତୁଳସୀ ଚଉରାରେ ଆମ୍ବ ସହ ଆମ୍ବଡ଼ାଳ ରଖାଯାଇଥିବା ବସନ୍ତରା ଠେକିରେ ଜଳ ତର୍ପଣର ଏକ ପାରଂପାରିକ ଐତିହ୍ୟର ମହାନ୍ ପରଂପରା । ସୂର୍ଯ୍ୟତାପ ଜର୍ଜରିତ ଧରାପୃଷ୍ଠରେ ବୃକ୍ଷମାନେ ଜଳବିହୁନେ ସୁ-ଶୁଷ୍କତା ହେଉଥିବା ବେଳେ ଏହି ବୈଶାଖ ମାସରେ ମାଆ ବୃନ୍ଦାବତୀଙ୍କ ପାଖେ ଠେକି ଦ୍ୱାରା ଜଳତର୍ପଣର କାର୍ଯ୍ୟ ସତରେ ସବୁ ଲୋକମାନଙ୍କ ପାଇଁ ଏକ ଶିକ୍ଷଣୀୟ କଥାବସ୍ତୁ । କହିବା ତାତ୍ପର୍ଯ୍ୟ ଏହି କି ଯେ ଜଳ ତର୍ପଣ ମାଧ୍ୟମରେ ଶୁଷ୍କ ତୁଳସୀ ଗଛର ସତେଜତା ରହିବା ଦ୍ୱାରା ତୁଳସୀ ପତ୍ରର ସୁରଭି ତା'ର ସମସ୍ତ ଦରକାରୀ ଦ୍ରବ୍ୟ ପ୍ରତ୍ୟେକ ମନୁଷ୍ୟଙ୍କ ଶରୀର ପାଇଁ ନିତାନ୍ତ ଆବଶ୍ୟକ । ତୁଳସୀ ପତ୍ର ଖାଇବା ଦ୍ୱାରା ଥଣ୍ଡା, କଫ, କାଶ ଦୂରୀଭୂତ ହେବା ସହ ଅମ୍ଳ ମଧ୍ୟ ନାଶ ହୋଇଥାଏ । ଶରୀରକୁ ଏହି ତୁଳସୀପତ୍ର ଶ୍ରୀବୃଦ୍ଧି କରିଥାଏ । ମାଆ ବୃନ୍ଦାବତିଙ୍କ ଠାରେ ଜଳ ଢ଼ାଳିବା ଦ୍ୱାରା ଭଗବାନ ବିଷ୍ଣୁ ମଧ୍ୟ ସନ୍ତୁଷ୍ଟ ହେବା ସହ ଭକ୍ତଙ୍କ ମଙ୍ଗଳ କରିଥାଆନ୍ତି । ଆଜିର ଦିନରେ ମଧ୍ୟ ମାଆ ବୃନ୍ଦାବତୀଙ୍କ ଠାରେ ସ୍ୱାଦିଷ୍ଟ ଦ୍ରବ୍ୟ ଦ୍ୱାରା ପଣା ପ୍ରସ୍ତୁତ କରାଯାଇ ଭୋଗ ଅର୍ପଣ କରାଯାଇଥାଏ ଏବଂ ଲୋକମାନେ ସ୍ୱାଦିଷ୍ଟ ପଣାର ପାନୀୟ ପିଇ ତୃଷାର୍ତରୁ କ୍ଷାନ୍ତ ହୋଇଥାଆନ୍ତି । ଗ୍ରାମମାନଙ୍କରେ ଗ୍ରାମଦେବତୀଙ୍କ ପାଖେ ବର୍ଷକ ପାଇଁ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ପୂଜାର୍ଚ୍ଚନା କରିବା ସହ କାଳିସୀ ଲାଗି ହୋଇ ଗ୍ରାମର ଭଲ-ମନ୍ଦ ମାଆ କହିଥାଆନ୍ତି । ଖଇ, ଉଖୁଡା, ତରଭୁଜ, ନଡ଼ିଆ, କଦଳୀ ଭୋଗ ମାଧ୍ୟମରେ ମାଆଙ୍କୁ ଅର୍ପଣ କରାଯାଇଥାଏ ଏବଂ ସେଇ ଅର୍ପିତ ଦ୍ରବ୍ୟ ଭକ୍ତମାନଙ୍କ ମଧ୍ୟରେ ବଂଟାଯାଇଥାଏ । ବୈଶାଖ ଠାରୁ ଚୈତ୍ରମାସ ଯାଏ ଗୋଟିଏ ବର୍ଷ ଯେପରି ସୁରୁଖୁରୁରେ ରୋଗ, ବ୍ୟାଧି, ଯନ୍ତ୍ରଣାରୁ ମୁକ୍ତ ହୋଇ ଲୋକମାନେ ନିରାପଦରେ ଜୀବନଯାପନ କରିପାରିବେ ସେଥିପାଇଁ ପ୍ରାର୍ଥନା କରିବା ସହ ଭଜନ, କୀର୍ତନ କରାଯାଇଥାଏ । ହୋମ ଯାଗଯଜ୍ଞ କରାଯାଇ ବାହାର ଏବଂ ଭୌତିକ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ମଧ୍ୟ ମାଆଙ୍କ ପାଖେ ପଣା ପ୍ରସ୍ତୁତ କରି ବାହାରକୁ ଦିଆଯାଇଥାଏ । ଯେଉଁ ଅତୃପ୍ତ ଆତ୍ମା ମାନେ ନିଜର ଉପାର୍ଜିତ କର୍ମ ପାଇଁ କଷ୍ଟ ପାଉଥାଆନ୍ତି ସେମାନଙ୍କୁ ସାଂସାରିକ ମୋହ-ମାୟା, ଦୁଃଖ- କଷ୍ଟରୁ ଲାଘବ ପାଇଁ ମାଆଙ୍କ ଠାରେ ପ୍ରାର୍ଥନା କରାଯାଏ । ଏହି ବୈଶାଖ ଏକ ପୁଣ୍ୟ ମାସ । ଅନେକ ଦେବାତ୍ମା ମାନେ ଦାଣ୍ଡ ଦୁଆରେ ଜଳ ଭାଣ୍ଡ ରଖି ପଶୁ-ପକ୍ଷୀଙ୍କ ପାଇଁ ତୃଷ୍ଣା ଲାଘବ କରନ୍ତି । ଏହାଛଡ଼ା ଏହି ମାସର ଆଉ ଏକ ପରମ୍ପରା ହେଉଛି ଉଡ଼ାପର୍ବ ବା ଯାତ୍ରା । ନିଆପାଟ, ଭକ୍ତଙ୍କ ଶରୀରରେ କଂଟାଫୋଡ଼ାଯାଇ ଉଚ୍ଚରେ ଉଡ଼ିବା ଇତ୍ୟାଦି ଉଡ଼ା ପାଟୁଆମାନେ କରିଥାଆନ୍ତି, ଘଂଟ□, ଘଂଟା, ଶଙ୍ଖ, ଝାଞ୍ଜି, ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୁଏ ଉଡ଼ା ଯାତ୍ରାର ପଡ଼ିଆ । ଏହି ସବୁ ପାରଂପରିକ ପରଂପରା ଆମ ସଂସ୍କୃତିର ଏକ ବାର୍ତାବହ । ଅବଶ୍ୟ ଆଜିକାଲି କିଛି ମାତ୍ରାରେ ଏହାକୁ ନ ମାନୁଥିବା ବେଳେ କିନ୍ତୁ ବଂଚି ରହିଛି ଏହି ସଂସ୍କୃତି । ଗାଁ ଦାଣ୍ଡରେ ଦୁଲୁକୁଥିବା ଏହି ପର୍ବ ସଦାସର୍ବଦା ସବୁଦିନ ପାଇଁ ବଂଚିରହୁ ଏହାହିଁ ମାଆଙ୍କ ପାଖରେ ପ୍ରାର୍ଥନା ।

# ଚୈତ୍ର ପର୍ବ-୨୦୨୬ ଉଦ୍‌ଯାପିତ

## ଛଉନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି – ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର



ବାରିପଦା : ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ ଚୈତ୍ର ପର୍ବ ୨୦୨୬ ଉଦଯାପିତ ହୋଇଛି । ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ସଂଧ୍ୟାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ସଂଧ୍ୟାରେ ସହରାଂଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଂଚଳର ଐତିହାସିକ ଦୁଇ ଦଳ ଉତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ସେହିପରି ତୃତୀୟ ସଂଧ୍ୟାରେ ମଧ ଉତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ । ଅନୁଷ୍ଠିତ ଉକ୍ତ ଛଉ ନୃତ୍ୟ ପ୍ରତିଯୋଗିତାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତାରେ ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି । ବଡଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଦେବ ଗୁଣିଆ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ମନପ୍ରୀତ ମହାନ୍ତ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି । ସେହିପରି ସହରାଂଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଚନ୍ଦ୍ର ଶେଖର ଦାସ (ଉତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ଭାଗ୍ୟଶ୍ରୀ ରାଉତ୍ (ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର) ବିବେଚିତ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁଶ୍ରୀ ସଞ୍ଜଳୀ ମୁର୍ମୁ, ରାଜସ୍ୱ ପାରିଷଦ ଶ୍ରୀ ସତ୍ୟବ୍ରତ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଂଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା । ଆଜିର ସଭାରେ ମୁଖ୍ୟ ଅତିଥି ଡ଼ ମହାପାତ୍ର ଛଉ ନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହା ମୟୂରଭଞ୍ଜର ଅସ୍ମିତାର ପ୍ରତୀକ ଓ ଏହାକୁ ବିଶ୍ୱସ୍ତରରେ ପ୍ରଚାର ପାଇଁ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ମୁର୍ମୁ ଚୈତ୍ର ପର୍ବକୁ ମୟୂରଭଞ୍ଜର ଗର୍ବ ଓ ପରମ୍ପରାର ଜୀବନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛଉ ନୃତ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ଦଳ ଓ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ଚୈତ୍ର ପର୍ବରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା । ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟ ଉପଭୋଗ କରୁଥିଲେ ।

## ଓଡ଼ିଆ ନବ ବର୍ଷ ଅବସରରେ ମିତାରାଣୀ ସାହୁଙ୍କ ଉପନ୍ୟାସ 'ଦିବ୍ୟଜ୍ୟୋତି' ଲୋକାର୍ପିତ



ବାରିପଦା : ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଆୟୋଜିତ ବିଷୁବ ମିଳନ କାର୍ଯ୍ୟକ୍ରମରେ ଔପନ୍ୟାସିକା ମିତାରାଣୀ ସାହୁଙ୍କ ଲିଖିତ ଉପନ୍ୟାସ 'ଦିବ୍ୟ ଜ୍ୟୋତି' ଲୋକାର୍ପିତ ହେଇଯାଇଛି । ପରିଷଦର ନିଜସ୍ୱ ସଭାଗୃହରେ ଆୟୋଜିତ ଏ କାର୍ଯ୍ୟକ୍ରମରେ ବି.ବି. ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଂଯୁକ୍ତା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ତଥା ମୟୂରଭଞ୍ଜରର ସମୃଦ୍ଧ ଐତିହ ତଥା ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥି ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ, ସଂପାଦକ ମନୋଜ ଦଳବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପୁସ୍ତକ ଲୋକାର୍ପଣ ପରେ ଔପନ୍ୟାସିକା ମିତାରାଣୀ ସାହୁ ତାଙ୍କ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ପରେ କାର୍ଯ୍ୟକ୍ରମର ମୁଖ୍ୟବକ୍ତା କବୟିତ୍ରୀ କାବେରୀ ମିଶ୍ର ପୁସ୍ତକଟିର ସମୀକ୍ଷା କରିଥିଲେ । ପରିଶେଷରେ କବୟିତ୍ରୀ ସୁଧାମୟୀ ଦାସ ଏବଂ ସ୍ନେହଲତା ନାୟକଙ୍କ ମିଳିତ ସଂଯୋଜନାରେ ଏକ କବିତପାଠ ଆୟୋଜିତ ହୋଇଥିଲା । ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥବା ବେଳେ ଅଜୟ କୁମାର ପାଳ, ବିରଜା ଦେବୀ, ରଶ୍ମିତା ପାତ୍ର, ନରସିଂହ ବାରିକ, କବିତା ନନ୍ଦ, ଡ. ସଞ୍ଜୀବ ପାଣିଗ୍ରାହୀ, ବନମାଳୀ ପାତ୍ର, ସତ୍ୟବ୍ରତ ମିଶ୍ର, ଜୟରାମ ସିଂହ, ବୀଣାପାଣି ପଣ୍ଡା, ଜୟନ୍ତ କୁମାର ଦ୍ୱାରୀ, ପୁଷ୍ପଲତା ସାହୁ, ସବିତାରାଣୀ ଶିଟ୍ ଡ. ଶଶିଧର ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ । ଅଜିତ କୁମାର କବାଟ, ଅଜିତ କୁମାର ପାଣିଗ୍ରାହୀ, ଭାଗବତ ପଣ୍ଡା, ଦୋଳ ଗୋବିନ୍ଦ ମହାନ୍ତ, ଆଶିଷ ବଶା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ନିର୍ମାଣ ହେବ ଜଳେଶ୍ୱର ରେଳ ଷ୍ଟେସନ ଉତର କେବିନ ପାଖ ରେଳ ଓଭରବ୍ରିଜ

### ✦ରେଳ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କଲେ ବରିଷ୍ଠ ନାଗରିକ ମଂଚ

ଜଳେଶ୍ୱର : (ନିପ୍ର) ଜଳେଶ୍ୱର-ପଶ୍ଚିମବାଡ ରାସ୍ତାର ରେଳ ଫାଟକ ନଂ- ୪୬ ନିକଟରେ ଓଭରବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଂଚ ତରଫରୁ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହୋଇ ମାସାଧିକ କାଳ ଚାଲିଥିବା ଗଣ ଦସ୍ତଖତ ଅଭିଯାନରେ ୭୫ପୃଷ୍ଠାର ସଂଗୃହିତ ୩୦୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ମଂଚର ଚିଠି ନଂ ୪୮, ତା୧୩ ।୧୧ ।୨୦୨୫ରେ ମାନ୍ୟବର ରେଳମନ୍ତ୍ରୀଙ୍କ ସମେତ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ବରିଷ୍ଠ ନାଗରିକ ମଂଚର ଉକ୍ତ ଦାବିପତ୍ରକୁ ବିଚାର କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ରେଳ ବୋର୍ଡ ତାଙ୍କର ଚିଠି ନଂ ୨୦୨୫, ତା୦୭ ।୦୧ ।୨୦୨୬ରିଖରେ ଦକ୍ଷିଣ ପୂର୍ବ ରେଳପଥ, କୋଲକାତାର ଅଧକ୍ଷ, ମୁଖ୍ୟଯନ୍ତ୍ରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବରିଷ୍ଠ ନାଗରିକ ମଂଚକୁ ଅବଗତ କରାଇ ତାଙ୍କ ଅଫିସକୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ଜେନେରାଲ ମ୍ୟାନେଜର,୧୧,ଗାର୍ଡେନରିଚ୍, କୋଲ କାତା ତାଙ୍କ ଅଫିସରୁ ମୁଖ୍ୟଯନ୍ତ୍ରୀ ଏହି ରେଳ ଓଭରବ୍ରିଜ ଶତ ପ୍ରତିଶତ ରେଳ ବିଭାଗ ଅର୍ଥରୁ ଖର୍ଚ୍ଚ ହେବ ବୋଲି ମଂଚକୁ ଅବଗତ କରିବା ସହ ଖଡଗପୁର ରେଳ ଡିଭିଜନର ବରିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇ ଅଛନ୍ତି । ଏହି ରେଳ ଓଭରବ୍ରିଜ ନିର୍ମାଣ ହେବା ଦ୍ୱାରା ରେଳ ଫାଟକ ଦେଇ ଯାତାୟତ କରୁଥିବା ଜଳେଶ୍ୱର ବ୍ଲକର ୧୧ଟି ପଂଚାୟତ,ଜଳେଶ୍ୱର ମ୍ୟୁନିସିପାଲିଟିର ୨ଟି ୱାର୍ଡ ସହ ଜଳେଶ୍ୱରକୁ ଭୋଗରାଇ ଓ ବାଲିଆପାଳ ବ୍ଲକ ସହ ଯୋଡି ଏହି ରାସ୍ତାରେ ଦୈନିକ ଯାତାୟତ କରୁଥିବା ଲକ୍ଷାଧିକ ଲୋକ ଉପକୃତ ହେଉଥିବା ଦୃଷ୍ଟିରୁ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ରେଳ ବୋର୍ଡ ତଥା ରେଳ କର୍ତ୍ତୃପକ୍ଷଙ୍କୁ ବରିଷ୍ଠ ନାଗରିକ ମଂଚ ତରଫରୁ କୃତଜ୍ଞତା ଜ୍ଞାପନ କରିବା ସହ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯଥା ସମ୍ଭବ ଶୀଘ୍ର ଆରମ୍ଭ କରିବା ପାଇଁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକୁ ସଫଳ କରିବାରେ ଜଳେଶ୍ୱରର ଜନସାଧାରଣ ଓ ସାମ୍ବାଦିକ ବନ୍ଧୁମାନଙ୍କ ଅକୁଣ୍ଠିତ ସହଯୋଗ ପାଇଁ ମଂଚ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏହା ସହିତ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ପ୍ରଦାନ କରାଯାଇ ଥିବା ଦାବିପତ୍ରର ଚିଠି ନଂ ୦୧ ।୨୬ ତା ୦୨ ।୦୨ । ୨୬ ରିଖରେ ଉଲ୍ଲେଖ ଥିବା ଦାବୀସମୂହ: ୧) ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଅପ୍ ଟ୍ରେନ ନଂ୧୧୦୧୯ ଓ ଡାଉନ ଟ୍ରେନ ନଂ୧୧୦୨୦ ଟ୍ରେନକୁ ଜଳେଶ୍ୱର ରେଳ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରଣ, ୨) ହାଓଡା - ପୁଡୁଚେରୀ- ଅପ୍ ଟ୍ରେନ ନଂ୧୨୮୬୭ ଓ ଡାଉନ ଟ୍ରେନ ନଂ ୧୨୮୬୮ ଟ୍ରେନର ଜଳେଶ୍ୱର ରେଳ ଷ୍ଟେସନରେ ରହଣି, ୩) ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ଆଦାୟ ବନ୍ଦ କରିବା,୪) ପ୍ରତି ପ୍ଲାଟଫର୍ମରେ କୋଚ ଇଣ୍ଡିକେଟର ଲଗାଇବା,୫) ବରିଷ୍ଠ ନାଗରିକ, ମହିଳା ଓ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର କାଉଂଟର,୬) ବରିଷ୍ଠ ନାଗରିକଙ୍କୁ ଟ୍ରେନ ଯାତ୍ରାରେ ରେଳ କନସେସନ ବ୍ୟବସ୍ଥାର ପୁନଃପ୍ରଚଳନ,୭) ଟ୍ରେନ ଚଳାଚଳରେ ନିୟମିତ ଅହେତୁକ ବିଳମ୍ବକୁ ରୋକିବା ଆଦି ଦାବିଗୁଡିକ ଶୀଘ୍ର ପୂରଣ ନ ହେଲେ ବରିଷ୍ଠ ନାଗରିକ ମଂଚ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଡ଼ଃ ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିଲା ବେଳେ ସାଧାରଣ ସମ୍ପାଦକ ଡ଼ଃ ଲଳିତ ରଞ୍ଜନ ସେନାପତି ରେଳ ଓଭରବ୍ରିଜ ନିର୍ମାଣ ଦିଗରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନାଗରିକ ମଂଚର ଦିଲ୍ଲୀପ କୁମାର ଗିରି, ସୀତାଂଶୁ ରଞ୍ଜନ ସେନାପତି,ଜିତାରାମ ଦେ ,ରାଜାରାମ କରଶର୍ମା, କପିଳେଶ୍ୱର ମହାନ୍ତି,ଖଗେନ୍ଦ୍ର ନାଥ ସାହୁ, ମନୋରଞ୍ଜନ ଦାସ, ସୁନିଲ କୁମାର ନାୟକ, ଶ୍ରୀମନ୍ତ କୁମାର ଘୋଷ, ଅପର୍ଣ୍ଣା ଚୌଧୁରୀ,ସୁନିଲ କୁମାର ଗିରି,ଓ ଡ଼ଃ ଅକ୍ଷୟ କୁମାର ପରିଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଭାସ୍କର ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଓଡ଼ିଆ ନୂଆବର୍ଷ ପାଳିତ



ଭୁବନେଶ୍ୱର : ବିଷୁବ (ପଣା ) ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ୟୁନିଟ -୬ ଭୁବନେଶ୍ୱର କେନ୍ଦ୍ରୀୟ କାର୍ଯ୍ୟାଳୟ ରେ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଅଛି । ସମ୍ମିଳନୀ ର ପରିସର ମଧ୍ୟରେ ଥିବା ତୁଳସୀ ଚଉରା ରେ ପଣା ଦାନ କରାଯିବା ପରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତା ଏବଂ ସ୍ଥାନୀୟ ଜନସାଧାରଣ ମାନେ ମଧ ପାରମ୍ପରିକ ରୀତିରେ ପଣା ପାନ କରିଥିଲେ । ଏହି ଉଦେଶ୍ୟରେ ଏକ ସାଧାରଣ ବୈଠକ ସମ୍ମିଳନୀ ର ଉପସଭାପତି ଶ୍ରୀ ପ୍ରଦୀପ୍ତ କୁମାର ମହାରଣା ଙ୍କ ଅଧକ୍ଷତା ତଥା ସାଧାରଣ ସମ୍ପାଦକ ଡକ୍ଟର ରାଧାନାଥ ପ୍ରହରାଜ ଙ୍କ ପରିଚାଳନା ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଆ ନୂଆବର୍ଷ ର ଗାଥା ଗାରିମା ତଥା ଓଡ଼ିଆ ମାନଙ୍କର ଗୌରବମୟ ଐତିହ ଏବଂ ପରମ୍ପରା ଇତ୍ୟାଦି ଉପରେ ବକ୍ତା ମାନେ ବିଭିନ୍ନ ଦୃଷ୍ଟିକୋଣ ରୁ ବକ୍ତବ୍ୟ ରଖିଥିଲେ । ଏହି କ୍ରମରେ ବକ୍ତା ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖି ଓଡ଼ିଆ ମାନଙ୍କ ଗୌରବ, ଉଜ୍ଜ୍ୱଳମୟ ଅତୀତ ବଜାୟ ରଖିବାକୁ ହେଲେ, ଆମ୍ଭମାନଙ୍କର ଦୈନନ୍ଦିନ ଚଳଣି, କାର୍ଯ୍ୟଶୈଳୀ ଓ ସଂଚୟ ମନବୃତି ଇତ୍ୟାଦି ରେ ପରିବର୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କର ଏହି ମତାମତ ସଭାରେ ସର୍ବସମ୍ମତି କ୍ରମେ ଗୃହିତ ହେବା ସହ ସମସ୍ତେ ଏ ଦିଗରେ କାର୍ଯ୍ୟ କରିବା ପାଇଁ ଦୃଢ଼ ମତ ପୋଷଣ କରିଥିଲେ । ଏହି ସଭା ରେ ଉପସଭାପତି ଲକ୍ଷ୍ମୀଧର ଦାଶ, ଉପସଭାପତି ପ୍ରଫେସର ଡକ୍ଟର କାଶୀନାଥ ରଥ, ସମ୍ପାଦକ ଶ୍ରୀ ବିରଂଚି ନାରାୟଣ ଦାଶ, ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପଢିହାରୀ, କୋଷାଧକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟ ନିର୍ବାହୀ ସଦସ୍ୟ ଇଂ ଜିତେନ୍ଦ୍ର କୁମାର ପାଢ଼ୀ, ସବ୍ୟସାଚୀ ସାମନ୍ତରାୟ, ଅନିଲ ମହାନ୍ତି, ରୁଦ୍ର ମହାନ୍ତି, ପଠାଣି ଜେନା,କୁଞ୍ଜ ମୋହନ ସେଠି, ତପନ ବେହେରା, ପ୍ରଦୀପ ପଟ୍ଟନାୟକ ଓ ଅନେକ ବିଜ୍ଞ ଗୁଣୀ ଓଡ଼ିଆ ପ୍ରେମୀ ଭାଇ ଓ ଭଉଣୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାର ପ୍ରସିଦ୍ଧ ଶ୍ରୀ ଶ୍ରୀ ନାରାୟଣୀ ମା'ଙ୍କ ଶୁଭ ଖୁଂଟି ମନ୍ଦିର ମଣ୍ଡପ ସ୍ଥାପନ





କନ୍ଧମାଳ :(ନିପ୍ର) ପରମ୍ପରା ଅନୁଯାୟୀ ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ୨୭ତମ ଯାତ୍ରାର ଶୁଭଖୁଂଟି ମା ଙ୍କ ହାଟପଦା ସ୍ଥିତ ଅସ୍ଥାୟୀ ମଣ୍ଡପ ରେ ସ୍ଥାପନ କରାଯାଇ ଥିଲା । ଏଥି ନିମନ୍ତେ ପ୍ରଥମେ ଯାତ୍ରା ପଡିଆ କାର୍ଯ୍ୟାଳୟ ଠାରେ ଶୁଭ ଖୁଂଟି ବାନା ପୂଜାର୍ଚ୍ଚନା କରି ମହା ପଟୁଆର ରେ ବାଣ ଫୁଟାଇ ସ୍ଥାନୀୟ ପେଞ୍ଜି ସାହି ନିକଟସ୍ଥ ନବୀନ କହଁରଙ୍କ ବଗିଚା କୁ ଯାଇ ସେଠାରେ ଏକ ବାଉଁଶ ବୃକ୍ଷ ପୂଜାର୍ଚ୍ଚନା କରି ଛେଦନ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । ସଭାପତି କାବୁଲା ସେନାପତିଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତାଙ୍କ ସମେତ ପୂଜକ ମାନଙ୍କ ଉପସ୍ଥିତିରେ ସମସ୍ତ ରୀତି ନୀତି ପୂଜା ପଦ୍ଧତି ପ୍ରକ୍ରିୟା ପରେ ବୃକ୍ଷ ଛେଦନ କରାଯାଇଥିଲା । ବୃକ୍ଷ ଛେଦନ କାର୍ଯ୍ୟରେ ଫୁଲବାଣୀ ବିଡ଼ିଓ ସୋମ୍ୟ ରଞ୍ଜନ ପାତ୍ର,ପରିଚାଳନା କମିଟି ଅଧକ୍ଷ ତଥା ଉପଜିଲ୍ଲାପାଳ ଭିକାରୀ ସାହୁ କର୍ତା ଭାବେ ବସିଥିଲେ ଯାତ୍ରା ମୁଖ୍ୟ ପୂଜକ ସଞ୍ଜୟ ଦାଶ ପୂଜା କାର୍ଯ୍ୟ ସମ୍ପୂର୍ଣ କରିଥିଲେ ଲ ବୃକ୍ଷ ଛେଦନ ପରେ ଉକ୍ତ ଶୁଭଖୁଂଟି କୁ ପୁଣି ମହାପଟୁଆର ରେ ବଜାର ମୁଖ୍ୟ ରାସ୍ତା, ଦେଇ ମାଦିକୁନ୍ଦା ଛକ, ନାରାୟଣୀ ମନ୍ଦିର କୁ ଯାଇଥିଲେ କ୍ଷ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲ୍ଲକ୍ଷପାଳ ଶ୍ରୀ ବେଦ ଭୂଷଣ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ପିଏ ଆଇଟିଡିଏ ଗଦାଧର ପାତ୍ର, ଓକିଲ ସଙ୍ଘ ସଭାପତି ଭଗବାନ ମହାନ୍ତି, ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ନାରାୟଣୀ ମା ଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରରୁ ମାଙ୍କ ଆଜ୍ଞାମାଳ ଅଣାଯାଇଥିଲା । ସେଠାରୁ ରାମ ମନ୍ଦିର ନିକଟସ୍ଥ ଯାତ୍ରା ପଡ଼ିଆ ଠାରେ ହୋମ ଯଜ୍ଞ କରି ସ୍ଥାପନ କରାଯାଇଥିଲା । ସେଠାରେ ଉପଜିଲ୍ଲାପାଳ କର୍ତା ଭାବେ ବାସୀ ଶୁଭ ଖୁଂଟି ସ୍ଥାପନା ପୂଜା କାର୍ଯ୍ୟ ଯାତ୍ରା ପରିଚାଳନା କମିଟିର ସଭାପତି ଶ୍ରୀ ସେନାପତି ଉପସ୍ଥିତି ରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ସଞ୍ଜିତ ପାତ୍ର, ସହରାଂଚଳ ଉନ୍ନୟନ ଅଧିକାରୀ ପ୍ରବୀଣ ବାଣୁଆ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଯାତ୍ରା ପରିଚାଳନା ର କୋର କମିଟି ସଦସ୍ୟ ଓ sdpo ଶୁଭ୍ରଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଶୁଭ ଖୁଂଟି ଆଗମନ ବେଳେ ବାଦ୍ୟ, ନୃତ୍ୟ ବାଣ ଫୁଟାଇ ଯାତ୍ରା ପଡିଆକୁ ଅଣା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ଉପଦେଷ୍ଟା ଲମ୍ବୋଦର କହଁର, ଫୁଲବାଣୀ ପୌରାଧକ୍ଷା ପାୟଲ ବେହେରା , ଉପ ସଭାପତି ସୁଜିତ କୁମାର ବେହେରା, ସହ ସମ୍ପାଦକ ଅଜିତ ମହାରଣା, ଶିବ ପଣ୍ଡା , ଜୟସେନ ପରିଡା, ବୀଣାପାଣି ପ୍ରଧାନ , ସୁମନ ପଟ୍ଟନାୟକ,ଅର୍ଥ ସମ୍ପାଦକ କମଳ ବେହେରା , କୋଷାଧ୍ୟକ୍ଷ ଅଶୋକ ମେକପ ,ସାଂସ୍କୃତିକ ସମ୍ପାଦକ ଅଶୋକ ମହାନ୍ତି, ପ୍ରମୁଖଙ୍କ ସମେତ ପରିଚାଳନା କମିଟି କାର୍ଯ୍ୟକାରୀ ସଦସ୍ୟ ଓ ପାଂଚ ସହ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ସମ୍ବିଧାନ ପ୍ରଣେତା ଡଃ ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

### ✡ 'ବାବା ସାହେବ ଆମ୍ବେଦକରଙ୍କ ଜୀବନାଦର୍ଶ ଉତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା' - ଜିଲ୍ଲାପାଳ



ଝାରସୁଗୁଡ଼ା : ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ପାଳିତ ହୋଇଯାଇଛି ।ଆଜି ସକାଳ ୮:୦୦ ଘଟିକା ସମୟରେ ସୁନାରିମୁଣ୍ଡା ଛକସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତିରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ.ଏଫ୍ ଅଡିଟରିୟମଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ, 'ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡଃ ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ । ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ସେ ଯେଉଁ ନିଷ୍ଠା ଓ ଦୂରଦୃଷ୍ଟି ପ୍ରତିପାଦନ କରିଛନ୍ତି, ତାହା ଭାରତୀୟ ସମ୍ବିଧାନକୁ ସମଗ୍ର ବିଶ୍ୱରେ ଅନନ୍ୟ କରିଛି ।' ସେ ଆହୁରି ମଧ କହିଥିଲେ ଯେ, ସମତା, ଭ୍ରାତୃତ୍ୱ ଏବଂ ସାମାଜିକ ନ୍ୟାୟ ହିଁ ଆମ ସମ୍ବିଧାନର ମୁଖ୍ୟ ବିଶେଷତ୍ୱ ଏବଂ ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବା ଆବଶ୍ୟକ । ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡଃ ଶିବପ୍ରିୟା ମିଶ୍ର ଯୋଗଦେଇ ଡଃ ଆମ୍ବେଦକରଙ୍କୁ ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ କରିଥିଲେ । ସେ କହିଥିଲେ ଯେ, ବାବା ସାହେବଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ । ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର କରି ଏକ ସୁସ୍ଥ ତଥା ସମତାଭିତିକ ସମାଜ ଗଠନ କରିବା ଥିଲା ବାବା ସାହେବଙ୍କ ପ୍ରଧାନ ଲକ୍ଷ୍ୟ । ସହରାଂଚଳ ହେଉ କି ଗ୍ରାମାଂଚଳ, ପ୍ରତ୍ୟେକ ନାଗରିକ ନିଜର ସାମ୍ବିଧାନିକ ଅଧିକାର ଓ କର୍ତବ୍ୟ ବିଷୟରେ ସଚେତନ ହେବା ଆବଶ୍ୟକ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ କହିଥିଲେ 'ଡକ୍ଟର ଆମ୍ବେଦକରଙ୍କ ରଚିତ ସମ୍ବିଧାନରେ ସେ ପ୍ରଦାନ କରିଥିବା ମୌଳିକ ଅଧିକାର ଓ ସମାନତା ହିଁ ଗଣତନ୍ତ୍ରର ସୁରକ୍ଷା କବଚ । ବାବା ସାହେବଙ୍କ ସ୍ୱପ୍ନର ଭାରତ ଗଠନ କରିବାକୁ ହେଲେ ଆମକୁ ଶେଷ ଧାଡ଼ିରେ ଥିବା ବ୍ୟକ୍ତିର ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେବାକୁ ହେବ । ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ପ୍ରଗତିର ମୁଖ୍ୟ ସ୍ରୋତରେ ସାମିଲ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ।' ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜ ବନ୍ଧୁ ଭୋଇ କହିଥିଲେ,'ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ । ବିଶେଷ କରି ମହିଳା ସଶକ୍ତିକରଣ ଓ ଦଳିତ ଶ୍ରେଣୀର ଉତାନ ପାଇଁ ସେ ଯେଉଁ ପଥ ପ୍ରଦର୍ଶନ କରିଛନ୍ତି, ତାହା ଅନନ୍ୟ । ତାଙ୍କର ଜୀବନାଦର୍ଶ ଓ ଜ୍ଞାନ ଗାରିମା ଆଗାମୀ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ।' ଏହି ଅବସରରେ ଉପ ଜିଲ୍ଲାପାଳ, ଶ୍ରୀ ସବ୍ୟସାଚୀ ପଣ୍ଡା କହିଥିଲେ 'ଶିକ୍ଷା ହିଁ ସମସ୍ତ ପରିବର୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ । ତାଙ୍କ ପ୍ରଦର୍ଶିତ 'ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର' ମନ୍ତ୍ର ଆଜିର ପ୍ରଶାସନିକ ବ୍ୟବସ୍ଥା ଓ ସମାଜ ଗଠନ ପାଇଁ ଏକ ଅନନ୍ୟ ଦିଗଦର୍ଶନ ଏବଂ ଆଜି ବି ପ୍ରଗତିର ମୂଳଦୁଆ ।' ଏହି ଅବସରରେ, ନିର୍ବାହୀ ଅଧିକାରୀ, ପୌରପାଳିକା ଝାରସୁଗୁଡ଼ା ଶ୍ରୀ ମାନସ ରଞ୍ଜନ ମଲ୍ଲିକ କହିଥିଲେ, 'ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ ।' ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁନନ୍ଦ ମହାରଣା ଅତିଥିମାନଙ୍କୁ ଉତରୀୟ ଓ ଚାରାଗଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଶେଷରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍, ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।



# ମହିଳା ସଂରକ୍ଷଣ ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ମିଳିବ ନୂତନ ଦିଗ

## ସୁଶ୍ରୀ ଶୋଭା କରନ୍ଦଲାଜେ



ରାଷ୍ଟ୍ରମନ୍ତ୍ରୀ ଭାବରେ ପ୍ରଥମ ଥର ପାଇଁ ଶପଥ ଗ୍ରହଣ କରୁଥିବା ସେହି ମୁହୂର୍ତଟି ଗର୍ବ ଓ ଦାୟିତ୍ୱର ଏକ ଅନନ୍ୟ ସଂଯୋଗ ନେଇଆସିଥିଲା । କିନ୍ତୁ ପ୍ରେକ୍ଷାଳୟର ଚାରିପାଖ ଦେଖିବାବେଳେ ମୋ ମନରେ ଏକ ଭିନ୍ନ ଅନୁଭୂତି ଜନ୍ମ ନେଇଥିଲା-ସେଠାରେ ଉପସ୍ଥିତ ମହିଳାମାନଙ୍କ ସଂଖ୍ୟା ଏତେ କମ୍ ଥିଲା ଯେ ସେମାନଙ୍କୁ ହାତର ଆଙ୍ଗୁଠିରେ ଗଣାଯାଇପାରୁଥିଲା ।

ଏହି ଦୃଶ୍ୟ ମୋ ପାଇଁ କେବଳ ଏକ ମୁହୂର୍ତର ଅନୁଭୂତି ନୁହେଁ, ବରଂ ଏକ ଗଭୀର ସତ୍ୟର ପ୍ରତିବିମ୍ବ ଥିଲା- ସାର୍ବଜନୀନ କ୍ଷେତ୍ରରେ ମହିଳାମାନଙ୍କୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ଅଛି । ଏହା ମୋତେ ସ୍ମରଣ କରାଇଥିଲା ଯେ, ସମାନ ଅଂଶୀଦାରୀ ଏବଂ ପ୍ରତିନିଧିତ୍ୱ ପାଇଁ ଏହି ଯାତ୍ରା ଏଯାବତ୍ ଅଧୂରା ।

ମୋର ଘର କର୍ଣ୍ଣାଟକର ଏକ ଉପକୂଳବର୍ତୀ କ୍ଷେତ୍ରରେ । ମୋ ଗାଆଁର ନାମ ପୁଚ୍ଛୁର ଏବଂ ଏହା ଏକ ଛୋଟିଆ ଗାଆଁ । ପାରମ୍ପରିକ ଭାବରେ ଯଦିଓ ଏହି କ୍ଷେତ୍ରଟି ବେଶ୍ ଉନ୍ନତ ଏବଂ ଏଠାରେ ମହିଳାମାନେ ସେମାନଙ୍କର ସହନଶୀଳତା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରିଥାଆନ୍ତି, ତଥାପି ତାହା କୌଣସି ନାରୀ ପ୍ରଗତିକୁ ସୂଚୀତ କରେନାହିଁ । ମୁଁ ଜାଣେ କ'ଣ କଲେ ମହିଳାମାନଙ୍କ ସାମର୍ଥ୍ୟକୁ ସାର୍ବଜନୀନ ଜୀବନରେ ସେମାନଙ୍କର ସାମର୍ଥ୍ୟ ଭାବରେ ପ୍ରତିପାଦିତ କରିହେବ । ତାହା ହେଲା, ଯେଉଁ ପଥରେ କତିପୟ ଲୋକ ଆଗକୁ ଅଗ୍ରସର ହୋଇଛନ୍ତି ସେହି ପଥରେ ହିଁ ଚାଲିବାକୁ ହେବ । ଏକଥା ମଧ୍ୟ ମୋତେ ଉତମ ରୂପେ ଜଣାଥିଲା ଯେ ସବୁ ମହିଳା ସମାନ ସୁଯୋଗ ପାଇ ନଥାଆନ୍ତି କିମ୍ବା ସବୁ ମହିଳାଙ୍କ ଠାରେ ସମାନ ସାମର୍ଥ୍ୟ ଓ ଜିଦ୍ ନଥାଏ ।

ନାରୀ ଶକ୍ତି ବନ୍ଦନ ଅଧିନିୟମ ଏବେ ସୁଦ୍ଧା ପାରିତ ହୋଇସାରିଛି । ସେପ୍ଟେମ୍ବର ୨୦୨୩ରେ ସଂସଦ ଏହି ଐତିହାସିକ ନିଷ୍ପତି ନେଇଥିଲା ଏବଂ ସମ୍ବିଧାନରେ ସଂଶୋଧନ ମଧ୍ୟ କରାଯାଇଛି; କିନ୍ତୁ ବର୍ତମାନ ସବୁଠାରୁ କଷ୍ଟକର ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହା ହେଉଛି ସେହି ପ୍ରତିଶ୍ରୁତିକୁ ରକ୍ଷା କରିବା ।

**ଗଣତନ୍ତ୍ର ତା'ର ଲୋକ(ନାଗରିକ) ମାନଙ୍କୁ ହିଁ ପ୍ରତିନିଧିତ୍ୱ କରିଥାଏ**

ଭାରତରେ ପ୍ରାୟ ୬୭୦ ନିୟୁତ ମହିଳା ବସବାସ କରନ୍ତି, କିନ୍ତୁ ଦୀର୍ଘ ବର୍ଷ ଧରି ଆମର ଜନପ୍ରତିନିଧିମାନଙ୍କ ମଧ୍ୟରେ ସେମାନଙ୍କର ଅଂଶଗ୍ରହଣ ମାତ୍ର ୧୫% ମଧ୍ୟରେ ସୀମିତ ରହିଛି । ଏକ ଗଣତନ୍ତ୍ର ଯେଉଁଠାରେ ନିଷ୍ପତି ଗ୍ରହଣ ପ୍ରକ୍ରିୟାରୁ ନିଜର ଅଧା ଜନସଂଖ୍ୟାକୁ ବାଦ୍ ଦିଆଯାଏ, ତାହାକୁ ଏକ ପ୍ରକୃତ ଗଣତନ୍ତ୍ର ଭାବେ ଗ୍ରହଣ କରାଯାଇପାରିବ ନାହିଁ; ଏହା ସର୍ବଦା ଏକ ଅସମ୍ପୂର୍ଣ୍ଣ ପ୍ରକ୍ରିୟା ହୋଇ ରହିଥାଏ । 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କିନ୍ତୁ କାଗଜକଲମରେ ଥିବା ଏକ ଆଇନର ମୂଲ୍ୟ ସେତେବେଳେ ସାର୍ଥକ ହୁଏ ଯେତେବେଳେ ଏହାର ପ୍ରଭାବଶାଳୀ ରୂପାୟନ ହୋଇଥାଏ । ଏଥିପାଇଁ ପ୍ରଥମେ ଜନଗଣନା କରାଯିବା ଆବଶ୍ୟକ । ଏହା ପରେ ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁନଃନିର୍ଦ୍ଧାରଣ ହେବା ଜରୁରୀ ଏବଂ ସମୟକ୍ରମେ ସଂସଦ ତଥା ପ୍ରତ୍ୟେକ ରାଜ୍ୟ ବିଧାନସଭାର ଏକ-ତୃତୀୟାଂଶ ଆସନରେ ମହିଳାମାନେ ପ୍ରତିନିଧିତ୍ୱ କରିବା ଉଚିତ ।

ଯେତେବେଳେ ଆଇନ ପ୍ରଣୟନ ହେଉଥିବା ସ୍ଥାନରେ ବା ସେହି ଆଲୋଚନା ଚକ୍ରରେ ମହିଳାମାନଙ୍କୁ ସାମିଲ କରାଯାଏ, ସେତେବେଳେ ଆଇନର ମୁଖ୍ୟ ଆଭିମୁଖ୍ୟ ବଦଳିଯାଏ । ଦଶନ୍ଧି ପୂର୍ବରୁ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ପାଇଁ ଯେଉଁ ୩୩% ସଂରକ୍ଷଣ ଲାଗୁ କରାଯାଇଥିଲା, ତାହା ପ୍ରାଥମିକତା କ୍ଷେତ୍ରରେ ଏକ ମାପଯୋଗ୍ୟ ପରିବର୍ତନ ଦର୍ଶାଉଛି । ଏହି ପରିବର୍ତନ ଯୋଗୁଁ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଶିଶୁ ପୁଷ୍ଟିସାଧନ ଭଳି କ୍ଷେତ୍ରରେ ଅଧିକ ବଜେଟ୍ ବ୍ୟୟ କରାଗଲା । ଦୁର୍ନୀତି ପ୍ରତି ଅସହନଶୀଳତା ବୃଦ୍ଧି ପାଇବା ସହ ସମୁଦାୟ ପ୍ରତି ଉତରଦାୟିତ୍ୱ ମଧ୍ୟ ବଢ଼ିଲା । ଏହା କେବଳ ଏକ ସଂଯୋଗ ନୁହେଁ, ବରଂ ଏହା ହେଉଛି ପ୍ରକୃତ ପ୍ରତିନିଧିତ୍ୱର ଫଳାଫଳ ।

**ପୁରୁଣା ନୀତିଚକ୍ରକୁ ତୁଟାଇବା**

ମୁଁ ଏଭଳି ଯୁକ୍ତି ମଧ୍ୟ ଶୁଣିଛି ଯେ ମହିଳାମାନଙ୍କୁ 'ସେମାନଙ୍କ ନିଜ ଗୋଡ଼ରେ ଠିଆ ହେବା ପାଇଁ ଛାଡ଼ି ଦିଆଯାଉ' ବୋଲି କୁହାଯାଏ । ମୁଁ ଏଭଳି ଯୁକ୍ତିଦାତାମାନଙ୍କ ମାନସିକତାକୁ ସମ୍ମାନ ଜଣାଉଛି, କିନ୍ତୁ ମୁଁ ଏଭଳି ଆଧାରକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରୁଛି । କୌଣସି ଭାବନା କେବେ ଶୂନ୍ୟରୁ ସୃଷ୍ଟି ହୋଇ ନଥାଏ । ଏହା କେବଳ ଉପଯୁକ୍ତ ସୁଯୋଗ ମାଧ୍ୟମରେ ହିଁ ପ୍ରସାରିତ ହୋଇଥାଏ ।

ପିଢ଼ି ପିଢ଼ି ଧରି, ଢାଂଚାଗତ ପ୍ରତିବନ୍ଧକ- ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ - ଅତି ବିଜ୍ଞ ମହିଳାମାନଙ୍କୁ ରାଜନୀତିଠାରୁ ଦୂରରେ ରଖି ଆସିଥିଲା । ପ୍ରାର୍ଥୀମାନଙ୍କ ଚୟନ ପ୍ରକ୍ରିୟା ସଦାବେଳେ ସେହିମାନଙ୍କୁ ସହାୟକ ହେଉଥିଲା ଯେଉଁମାନଙ୍କର ଟାଣୁଆ ନେଟୱାର୍କ ଥିବ ଏବଂ ଚିହ୍ନା ପରିଚୟ ଓ ପହଂଚ ଥିବ, ସେମାନେ ରାଜନୈତିକ ପୁଞ୍ଜି ଉତରାଧିକାରୀ ସୂତ୍ରେ ଲାଭ କରିଥିବେ ଏବଂ ଘରୋଇ ଦାୟିତ୍ୱର ବୋଝରୁ ମୁକ୍ତ ରହିଥିବେ । ମହିଳାମାନଙ୍କ ପାଇଁ ଅନ୍ୟ ପକ୍ଷରେ ସେମାନଙ୍କ ସପକ୍ଷରେ ଯିବା ନିମନ୍ତେ କୌଣସି ସୁଯୋଗ ନଥିଲା ।

**ସଂରକ୍ଷଣ ସେମାନଙ୍କର ଦକ୍ଷତାକୁ ହ୍ରାସ କରିବ ନାହିଁ: ଏହା କେବଳ ପ୍ରାଚୀରଟିକୁ ତୁଟାଇବ**

ମହିଳାମାନେ ଯେତେବେଳେ ବିପୁଳ ସଂଖ୍ୟାରେ ପ୍ରଥମେ ପଂଚାୟତ ବ୍ୟବସ୍ଥାରେ ପାଦ ଥାପିଥିଲେ, ସେତେବେଳେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଧୀରେ ଧୀରେ ଏହା ଗୋଟିକ ପରେ ଗୋଟିଏ ଅଧ୍ୟୟନ ପରେ, ସେମାନେ ଅଧିକ ସଫଳ, ଅଧିକ ପହଂଚକ୍ଷମ ଏବଂ ସେମାନଙ୍କର ପୁରୁଷ ପ୍ରତିନିଧିମାନଙ୍କ ତୁଳନାରେ ଅଧିକ ସଚ୍ଚୋଟ ବୋଲି ନିଜ ଗୋଷ୍ଠୀ ଦ୍ୱାରା ପ୍ରମାଣିତ ହୋଇଥିଲେ । ଯଦି ସେମାନଙ୍କୁ ନିରପେକ୍ଷ ଏବଂ ଉପଯୁକ୍ତ ଅବସର ପ୍ରଦାନ କରାଯାଏ, ତେବେ ମହିଳାମାନେ କେବଳ ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ନାହିଁ, ସେମାନେ ଏହାର ନେତୃତ୍ୱ ମଧ୍ୟ ଗ୍ରହଣ କରିପାରିବେ ।

**ନୀତି ପାଇଁ ଏହାର ଅର୍ଥ କ'ଣ?**

ସରକାରରେ ମୋର ଦୀର୍ଘ ଦିନର ବ୍ୟାପକ ଅନୁଭୂତି ମୋତେ ଏହି ଶିକ୍ଷା ଦେଇଛି ଯେ ସେହିମାନେ ହିଁ କକ୍ଷ ମଧ୍ୟରେ ନିଷ୍ପତି ଗ୍ରହଣ କରିଥାଆନ୍ତି, ଯେଉଁମାନେ ସେଠାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥାଆନ୍ତି । ମହିଳା ବିଧାୟିକାମାନେ ମାନସିକ ସ୍ୱାସ୍ଥ୍ୟ ପାଣ୍ଠିକୁ ମଧ୍ୟ ସହଯୋଗ କରିଥାଆନ୍ତି ଯେତେବେଳେ ତାହା ଅନ୍ୟଥା କାଟ କରାଯାଇଥାଏ । ସେମାନେ ନୀତି ଉପରେ ଲିଙ୍ଗଗତ ପ୍ରଭାବର ଅଗ୍ରବାହକ ହୋଇଥାଆନ୍ତି ଯେତେବେଳେ ତାହା ବାସ୍ତବ ପକ୍ଷେ ମହିଳାମାନଙ୍କ ପାଇଁ ଅଧିକ କ୍ଷତିକାରକ ହେବାର ଆଶଙ୍କା ଉପୁଜିଥାଏ । ସେମାନେ ନିଜ ନିର୍ବାଚନ ମଣ୍ଡଳୀଗୁଡ଼ିକର ସମସ୍ୟାକୁ ଅଧିକ ସକ୍ରିୟ ଭାବରେ ଉପସ୍ଥାପନ କରିଥାଆନ୍ତି ଯାହାକି ସେମାନଙ୍କର ପୁରୁଷ ସହଯୋଗୀମାନେ ନିଜର କୌଣସି ଭୁଲ୍ ନଥାଇ, ସାଧାରଣତଃ ସମ୍ମୁଖୀନ ହେବାକୁ ଚାହିଁ ନଥାଆନ୍ତି ।

ସଂସଦରେ ଏବଂ ରାଜ୍ୟ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ଆସନ ପ୍ରଥମ ଥର ପାଇଁ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ରଖାଯିବା ଅର୍ଥ ସେମାନଙ୍କର ସ୍ୱର ପ୍ରଥମ ଥର ପାଇଁ ବ୍ୟତିକ୍ରମ ହେବନାହିଁ । ବରଂ ଏହା ଗାଠନିକ ହେବ । ସ୍ଥାୟୀ ହେବ । ଏହାକୁ ଅଣଦେଖା କରିବା ଅସମ୍ଭବ ହେବ ।

**ନାରୀ ଶକ୍ତି: ଦୃଷ୍ଟି ଠାରୁ ଆଇନ ପର୍ଯ୍ୟନ୍ତ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ଦିନରୁ ଏକଥା କହିଆସୁଛନ୍ତି ଯେ ମହିଳାମାନଙ୍କ ସମ୍ପୂର୍ଣ୍ଣ ଏବଂ ସମାନ ପ୍ରତିନିଧିତ୍ୱ ବିନା ଭାରତ କଦାପି ତା'ର ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିପାରିବନାହିଁ । ଏହା କେବଳ ଏକ ବାଚନିକ ଆହ୍ୱାନ ନୁହେଁ ବରଂ ଏହା ଏକ ପ୍ରତିବଦ୍ଧତା ଯାହା ଗୋଟିଏ ପରେ ଗୋଟିଏ ନୀତିକୁ ପରିଚାଳିତ କରିଆସିଛି । ବେଟି ବଚାଓ ବେଟି ପଢ଼ାଓ ଠାରୁ ଆରମ୍ଭ କରି ଜନ ଧନ, ଉଜ୍ଜ୍ୱଳା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପର୍ଯ୍ୟନ୍ତ ସବୁ କାର୍ଯ୍ୟକ୍ରମରେ ରେକର୍ଡ ସଂଖ୍ୟକ ମହିଳାମାନଙ୍କୁ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିରବଚ୍ଛିନ୍ନ ଭାବରେ ନାରୀ ଶକ୍ତି କେବଳ ଏକ ସ୍ଲୋଗାନ ନୁହେଁ ବରଂ ବିକଶିତ ଭାରତର ମୂଳଦୁଆ ବୋଲି ସଦାବେଳେ କହି ଆସୁଛନ୍ତି । ନାରୀ ଶକ୍ତି ବନ୍ଦନ ଅଧିନିୟମ ହେଉଛି ଏହି ପରିକଳ୍ପନାର ପୂର୍ଣ୍ଣ ପରିପ୍ରକାଶ, ଯାହା ମହିଳା ସଶକ୍ତୀକରଣକୁ କଲ୍ୟାଣଠାରୁ ପ୍ରଶାସନର ଢାଂଚା ପର୍ଯ୍ୟନ୍ତ ଆଣିବାରେ ସହାୟକ ହୋଇଛି ।

**ଦଳମତ ନିର୍ବିଶେଷରେ ମୋର ସହଯୋଗୀମାନଙ୍କ ପାଇଁ ବାର୍ତା**

ଏହା ଏପରି ଏକ ମୁହୂର୍ତ ଯାହା ଉପରେ ଆମ ସମସ୍ତଙ୍କର ଅଧିକାର ଅଛି, ଏହା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦଳର ନୁହେଁ, ବରଂ ଏକ ଅନୁଷ୍ଠାନ ଭାବରେ ଏହା ସଂସଦର । ତେଣୁ ମୁଁ ଜଣେ ମହିଳା ଭାବରେ ସମସ୍ତଙ୍କୁ ନିବେଦନ କରୁଛି, ଯେଉଁମାନେ ଏହି ରାଷ୍ଟ୍ରକୁ ସରକାରର ପ୍ରତ୍ୟେକ ପର୍ଯ୍ୟାୟରେ ସେବା କରିଆସିଛନ୍ତି ଏବଂ ମୋର ଦୃଢ଼ ବିଶ୍ୱାସ ଯେ ଆମେ ସମସ୍ତେ ଭାରତର ଗଣତନ୍ତ୍ରକୁ ଅଧିକ ମଜଭୁତ ଏବଂ ପୂର୍ଣ୍ଣାଙ୍ଗ ଭାବରେ ଦେଖିବାର ଆଶା ଆକାଂକ୍ଷାରେ ସହଭାଗୀ । ଦେଶର ମହିଳାମାନଙ୍କ ନିମନ୍ତେ ଆମର ଯେଉଁ କର୍ତବ୍ୟ ରହିଛି ତାହା ବର୍ତମାନ ଜରୁରୀ ହୋଇପଡ଼ିଛି । ତାହା ହେଲା ଜନଗଣନା କାର୍ଯ୍ୟ ସମ୍ପାଦନ, ନିର୍ବାଚନମଣ୍ଡଳୀ ପୁନର୍ଗଠନ କାର୍ଯ୍ୟ ଶେଷ କରିବା ଏବଂ ଏଥିପାଇଁ ଯେପରି ଗୋଟିଏ ଦିନ ସୁଦ୍ଧା ଅନାବଶ୍ୟକ ଭାବରେ ନଷ୍ଟ ନହୁଏ, ତାହା ସୁନିଶ୍ଚିତ କରିବା ।

କାର୍ଯ୍ୟକାରିତା, ସଂରକ୍ଷିତ ଆସନର ପରିବର୍ତନ, ପ୍ରତିନିଧି ପ୍ରାର୍ଥୀ ଏବଂ ସନସେଟ୍ କ୍ଲଜ୍ ଭଳି ବିଷୟଗୁଡ଼ିକୁ ନେଇ ଯେଉଁ ଉଦ୍ବେଗ ରହିଛି, ତାହା ମୁଁ ବୁଝିପାରୁଛି । ଏଗୁଡ଼ିକ ଯୁକ୍ତିଯୁକ୍ତ ବିତର୍କ, କିନ୍ତୁ ଆମକୁ ଏହା ନିଶ୍ଚିତ କରିବାକୁ ହେବ ଯେ ଏହି ବିଷୟ ପ୍ରତି ଯେପରି ତୁରନ୍ତ ଧ୍ୟାନ ଦିଆଯାଏ । ଏହାର ନୀତିଗତ ଆଧାର ଦୃଢ଼ ଏବଂ ଏହାର ଆବଶ୍ୟକତା ଜରୁରୀ । ଆସନ୍ତୁ, 'ପୂର୍ଣ୍ଣତା' ବା 'ନିଖୁଣତା'ର ସନ୍ଧାନ କରିବାକୁ ଯାଇ ଏହି 'ପରିବର୍ତନକାରୀ' ପଦକ୍ଷେପକୁ ବାଧାପ୍ରାପ୍ତ କରିବା ନାହିଁ ।

**ଉତ୍କୃଷ୍ଟ ଚୟନ କରିବା ପ୍ରୟାସରେ ରାଷ୍ଟ୍ର**

ସେପ୍ଟେମ୍ବର ୨୦୨୩ରେ ଇତିହାସ ରଚନା ହୋଇଥିଲା । କିନ୍ତୁ ଇତିହାସ ସେତିକିବେଳେ ସାର୍ଥକ ହୁଏ, ଯେତେବେଳେ ଏହାର ପରବର୍ତୀ ପଦକ୍ଷେପଗୁଡ଼ିକ ପ୍ରଭାବଶାଳୀ ହୋଇଥାଏ । ନ୍ୟାୟ ପ୍ରତି ପ୍ରତିବଦ୍ଧ ଏକ ଦେଶ ନିଜ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକୁ ନିଷ୍ଠାର ସହ ପାଳନ କରି ଏକ ନୀରବ ତଥା ସ୍ଥାୟୀ ପରିବର୍ତନ ଆଣିଥାଏ । ଯେଉଁ ଛୋଟ ଝିଅଟି ନିଜ ଦେଶର ସେବା କରିବାକୁ ଆଶା ରଖିଛି, ଯେଉଁ ନେତ୍ରୀ କେବେ ସୁଯୋଗ ପାଇନାହାନ୍ତି ଏବଂ ଯେଉଁ ସ୍ୱର କେବେ ମାଇକ୍ରୋଫୋନ୍ ପର୍ଯ୍ୟନ୍ତ ପହଂଚି ପାରିନାହିଁ-ସେମାନଙ୍କ ପାଇଁ ଏବେ କାର୍ଯ୍ୟ କରିବାର ସମୟ ଆସିଛି ।

ଏହି ଆଇନକୁ ପ୍ରବର୍ତନ କରନ୍ତୁ । ଅଧିକ ବ୍ୟାପକ ପରିସର ପାଇଁ ସୁଯୋଗ ସୃଷ୍ଟି କରନ୍ତୁ: ସାରା ଭାରତର ଦୃଷ୍ଟି ଆପଣମାନଙ୍କ ଉପରେ ନିବଦ୍ଧ ।

**(ଲେଖିକା କେନ୍ଦ୍ର ଏମ.ଏସ.ଏମ.ଇ ଏବଂ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ।)**

# ଭଙ୍ଗା ଘରେ ଚାଲିଛି ସୋର ସଦର ଆରଆଇ ଅଫିସ୍

ସୋର,(ନି.ପ୍ର.) ସୋର ପୌରାଂଚଳ ଅନ୍ତର୍ଗତ ଛତ୍ରପୁରଠାରେ ଥିବା ସୋର ତହସିଲର ୧ ନମ୍ବର ସଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟଳୟର ଛପର ଭାଙ୍ଗି ଦରିଦ୍ର ଅବସ୍ଥାରେ ପଡ଼ିରହିଛି । ତାରି ଭିତରେ ଜରିପାଲ ପକାଇ ଅଫିସ୍ କାର୍ଯ୍ୟ ଚାଲୁଥିବା ଦେଖାଯାଇଛି । ସମୁଠାରୁ ବଡ଼ କଥା ହେଲା ଲୋକମାନଙ୍କର ମୂଲ୍ୟବାନ ଜମିବାଡ଼ିର ରେକର୍ଡ଼ ଥିବା ତାରି ଭିତରେ ଥିବା ବେଳେ ଯେକୌଣସି ମୁହୂର୍ତରେ ବର୍ଷା ଝଡ଼ ହେଲେ ଏହି ରେକର୍ଡ଼ ନଷ୍ଟ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି । ୧୯୮୭ ମସିହାରେ ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଟି ନିଜସ୍ୱ ୯ ଡିସିମିଲ ଜାଗା ଉପରେ ସ୍ଥାପିତ ହୋଇଥିଲା । ଏହି କାର୍ଯ୍ୟାଳୟରେ ଜଣେ ଆ ?ଆଇ, ୭ ଜଣ କର୍ମଚାରୀର ପଦବୀ ଥିବା ବେଳେ ଏଠାରେ ଜଣେ କର୍ମଚାରୀଙ୍କୁ ନେଇ ଆ ?ଆଇ କାର୍ଯ୍ୟ ଚଳାଉଛନ୍ତି । ଏହା ସୋର ତହସିଲର ପ୍ରଥମ ଏବଂ ଏହା ଅଧୀନରେ ସୋର ପୌରପାଳିକା ସହିତ କିଛି ପଂଚାୟତ ରହିଛି । ଏହି ଅଫିସରେ କମ୍ପୁଟର ଏବଂ ଆସବାପତ୍ର ନଥିବାରୁ କର୍ମଚାରୀମାନେ ସଠିକ୍ ସମୟରେ ଲୋକମାନଙ୍କୁ ସେବା ଦେବାରେ ଅକ୍ଷମ ହୋଇଛନ୍ତି । ରାଜ୍ୟ ସରକାର ଲୋକମାନଙ୍କୁ ତୁରନ୍ତ ଜମିବାଡ଼ି ସେବା ଯୋଗେଇବା ପାଇଁ ବହୁମୂଲ୍ୟ କୋଠାଘର ଏବଂ ଅତ୍ୟାଧୁନିକ ଜନ୍ତ୍ରପାତି ଲାଗୁଥିବା ବେଳେ ସୋର ଭଳି ସଦର ଆ ?ଆଇ ଅଫିସ୍ ?ର ଘର ଦ୍ୱାରା ନଥିବା ଅତ୍ୟନ୍ତ ପରିତାପର ବଷୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।ଏ ସଂପର୍କରେ ଆ ?ଆଇ ଦେବୀ ପ୍ରସାଦ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଯେକୌଣସି ବର୍ଷା ଝଡ଼ରେ ରେକର୍ଡ଼ ନଷ୍ଟ ହୋଇପାରେ, ଏସବୁ ଅସୁବିଧା ସଂପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ । ଏପରିକି ଏଠାରେ ଅନ୍ ଲାଇନ୍ କାର୍ଯ୍ୟ କରିବା କମ୍ପ୍ୟୁଟର ନଥିବା ବେଳେ ନିଜ କମ୍ପ୍ୟୁଟରରେ କାର୍ଯ୍ୟ ଚଳାଇଛନ୍ତି । ତୁରନ୍ତ ଏହି ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟି ନିକ୍ଷେପ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଦୁଇବର୍ଷ ୫ ମାସ ବିତିଲା: ସରିପାରିଲାନି ସୋର ରେଳ ଷ୍ଟେସନ ଦ୍ୱିତୀୟ ଫୁଟ ଓଭର ବ୍ରିଜ କାମ

ସୋର(ନି.ପ୍ର.)- ଦକ୍ଷିଣ-ପୂର୍ବ ରେଳପଥ ବିଭାଗ ତରଫରୁ ତୃତୀୟ ଲାଇନ୍ କାର୍ଯ୍ୟ ଶେଷହୋଇ ଗାଡ଼ି ଚଳାଚଳ କରୁଥିବା ବେଳେ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ସୋର ରେଳ ଷ୍ଟେସନରେ ୪ ନମ୍ବର ଓ ୫ ନମ୍ବର ଯାତ୍ରୀଙ୍କ ସୁବିଧା ପାଇଁ ଦ୍ୱିତୀୟ ଫୁଟ ଓଭରବ୍ରିଜ ଓ ଲିଫ୍ଟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଏପରିକି ପୁରଣା ଫୁଟ ଓଭରବ୍ରିଜ୍ ?ଟି ୫ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରାଯାଇ ନଥିବାରୁ ଅଧିକାଂଶ ଯାତ୍ରୀ ପ୍ଲାଟଫର୍ମକୁ ଆସିବା ପାଇଁ ରେଳଲାଇନ୍ ଉପରେ ଚଢ଼ି ବହୁ କଷ୍ଟରେ ବିପଦଜନକ ଭାବେ ଉଠୁଥିବା ଦେଖିବାକୁ ମିଳିଛି । ଦୀର୍ଘଦିନର ଦାବି ପରେ ରେଳ ବିଭାଗ ଗତ ୨୦୨୪ ମସିହା ଜାନୁଆରୀରେ ଏହି ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କେତୋଟି ପିଲାର ଛିଡ଼ା କରାଇ ଚୁପ୍ ବସିଥିବା କାରଣରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ସବିରା, ମାର୍କୋଣା, ବାହାନଗା, ବେଲଦା, ବସ୍ତା ଭଳି ଛୋଟଛୋଟ ରେଳ ଷ୍ଟେସନମାନଙ୍କରେ ଦ୍ୱିତୀୟ ଫୁଟ ଓଭରବ୍ରିଜ୍ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ସୋରରେ ଏହା ଦୀର୍ଘ ଦୁଇବର୍ଷ ହେଲା ନିର୍ମାଣକାର୍ଯ୍ୟ ଶେଷ ହୋଇପାରି ନାହିଁ । ଫଳରେ ଯାତ୍ରୀମାନେ ଟ୍ରେନ୍ ଚଢ଼ିବା ବେଳେ ୪-୫ ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଦ୍ୱିତୀୟ ଫୁଟ୍ ଓଭରବ୍ରିଜ୍ ମାର୍କୋଣ ଏବଂ ସବିରା ଭଳି ଷ୍ଟେସନରେ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ସୋରରେ ୧ରୁ ୨ ନମ୍ବରକୁ ବିମ୍ ଗାର୍ଡ଼ର ଉଠିଥିବା ବେଳେ ୩-ରୁ ୪ ଏବଂ ୪ ରୁ ୫ ପ୍ଲାଟଫର୍ମର ଗାର୍ଡ଼ର ବିମ ନ ଉଠଇବାରୁ ଏହି କାର୍ଯ୍ୟ ଅଧାପନ୍ତରିଆ ହୋଇ ଶେଷ ହୋଇପାରି ନାହିଁ । ଫଳରେ ଲିଫ୍ ?ଟ ବ୍ୟବସ୍ଥା ନଥିବାରୁ ବରିଷ୍ଠ ନାଗରିକ, ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ରୋଗୀମାନେ ଯିବା ଆସିବାରେ ଘୋର ଅସୁବିଧାରେ ସମ୍ମୁଖିନ ହେଉଥିବା ଦେଖାଯାଇଛି । ସେହିପରି ନବ ନିର୍ମିତ ୫ ନମ୍ବର ପ୍ଲାଟକୁ ପୂର୍ବ ତରଫରୁ ପାରି ହେବା ପାଇଁ ବ୍ରିଜ କିମ୍ବା ରାସ୍ତାର ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ଘୋର ଅସୁବିଧାରେ ପଡୁଛନ୍ତି । ଦୁଇ, ତିନି, ଚାରି ଏବଂ ପାଂଚ ନମ୍ବର ପ୍ଲାଟ ଫର୍ମ ପାଇଁ କୌଣସି ଗୋଟିଏ ହେଲ ଶୌଚାଳୟ ନଥିବାରୁ ମହିଳା ଏବଂ ଅନ୍ୟ ଯାତ୍ରୀମାନେ ଘୋର ଅସୁବିଧାରେ ପଡୁଛନ୍ତି । ଏହି ସବୁ ଅବ୍ୟବସ୍ଥା ସଂପର୍କରେ ସୋର ନାଗରିକ ମଂଚ ତରଫରୁ ଧାରଣଶ ବେଳେ ଏହାକୁ ତୁନ୍ତ କାର୍ଯ୍ୟକାରୀ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲେ ବି ଆଜି ସୁଦ୍ଧା ଯେମିତି ସେମିତି ପଡ଼ି ରହିଛି । ତୁରନ୍ତ କାର୍ଯ୍ୟକାରୀ ପାଇଁ ସାଧାରଣରେ ଦାବି ହୋଇଛି ।

# ଆମ ରୁଚି ଆମ ଖାଦ୍ୟ ଓ ଆଲୋଚନା ଚକ୍ର ଅନୁଷ୍ଠିତ

ଖୁଂଟା -( ନି ପ୍ର) ଅଦ୍ୟ ତା ୧୩.କ୍ଟ୪.୨୦୨୬ (ସୋମବାର) ଦିନ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ, ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ଆମ ରୁଚି ଆମ ଖାଦ୍ୟ ଓ ଆଲୋଚନା ଚକ୍ର ପାଳିତ ହୋଇଯାଇଛି । ଛାତ୍ର ଛାତ୍ରୀ ଗଣ ସ୍ୱହସ୍ତରେ ପ୍ରସ୍ତୁତ କରିଥିବା ଖାଦ୍ୟକୁ ଆକର୍ଷଣୀୟ ଢଙ୍ଗରେ ସଜାଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷ ଖାଦ୍ୟ ମଧ୍ୟରେ ପଖାଳ, ବଡ଼ିଚୁରା, ଶାଗଭଜା, ଛୁଇଁ ତରକାରି, ଆରିଷା,କାକରା ପିଠା, ମାଣ୍ଡିଆ ଚକୁଳି, ମୁଢି ପକୁଡି ଓ ବେଲ ପଣା ଥିଲା ଅନ୍ୟତମ । ଆଲୋଚନା ଶୀର୍ଷକ 'ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି'ରେ ବିଶେଷଜ୍ଞ ଭାବରେ ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକ୍ଟର କୁଞ୍ଜବନ ପୃଷ୍ଟି ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସରୋଜ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ପ୍ରାଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ହେମନ୍ତ ଲୋହାର ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରର ପ୍ରାରମ୍ଭରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ +୩ ତୃତୀୟ ବର୍ଷର ଛାତ୍ରୀ ପମି ମଣି ଗୋଛାୟତ । ସ୍ୱାଗତ ସଙ୍ଗୀତ ମଧ ଛାତ୍ରୀ ମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ଜାତୀୟ ସେବା ଯୋଜନା ଓ ଯୁବ ରେଡ୍ କ୍ରସର ଛାତ୍ରଛାତ୍ରୀ ଗଣ କରତାଳି ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ହିରଣ୍ମୟୀ ଶତପଥୀ ସ୍ୱାଗତ ଅଭିଭାଷଣ ରଖିବା ସହିତ ଡକ୍ଟର ମଧୁସ୍ମିତା ପାଇନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଆଲୋଚନା ଚକ୍ରରେ ମହବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ ନିଜର ସନ୍ଦର୍ଭ ପାଠ କରିଥିଲେ । ଆମ ରୁଚି ଆମ ଖାଦ୍ୟ ଆଲୋଚନା ଚକ୍ର ସୂଚାରୁ ରୂପେ ପାଳନ ନିମିତ ଅଧାପକ ଶୁଭମ କୁମାର ସାସମଲ, ଅଶ୍ୱିନୀ ରଞ୍ଜନ ମିଶ୍ର, ଗୋପା ସିଂହ, ଇପ୍ସିତା ପ୍ରିୟ ଦର୍ଶିନୀ ଦାସ, ସୁଧାଂଶୁ କୁମାର ଗିରି, ସୁଷମା ହାଁସଦା,ପ୍ରଦୀପ୍ କୁମାର ବେହେରା, ପରମାନନ୍ଦ ମହାନ୍ତଙ୍କର ପ୍ରମୁଖ ଭୂମିକା ରହିଥିଲା । ଏତଦ୍? ବ୍ୟତୀତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆମ ରୁଚି ଆମ ଖାଦ୍ୟ ଓ ଆଲୋଚନା ଚକ୍ରଟିକୁ ସଫଳ କରାଇଥିଲେ ।

# କାନ୍ତ ସାହିତ୍ୟ ପରିଷଦର 'ବିଷୁବ ଆସର' ଓ ଆଲୋଚନା ଚକ୍ର ଅନୁଷ୍ଠିତ

ଧାମନଗର(ନି.ପ୍ର.) ଧାମନଗର ହାଇସ୍କୁଲ ପରିସରରେ କାନ୍ତ ସାହିତ୍ୟ ପରିଷଦ,ଧାମନଗର ପକ୍ଷରୁ ଆଲୋଚନା ଚକ୍ର, ବିଷୁବ ଆସର ଓ ସାଙ୍ଗଠନିକ ଆଲୋଚନା ସଭା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ସାରସ୍ୱତ ସାଧନାର ଏହି ମନୋଜ୍ଞ ପରିବେଶରେ ଅଂଚଳର ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ଓଡ଼ିଆ ସାହିତ୍ୟର ସମୃଦ୍ଧି ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ ।ପରିଷଦର ସଭାପତି ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରସାନନ୍ଦ ମହାପାତ୍ର, ସଚ୍ଚି କାନ୍ତ ପଣ୍ଡା, ବାସୁଦେବ ତ୍ରୀପାଠୀ, ଅନିଲ କୁମାର ବାରିକ, ପ୍ରଦୀପ କୁମାର ମହାପାତ୍ର, ଚିତରଞ୍ଜନ ଦାଶ, ସନ୍ତୋଷ ପାଢ଼ି, ସୁଧୀର ନାୟକ, ହୃଦାନନ୍ଦ କର, ଭାବ ଗ୍ରାହି ଖୁଂଟିଆ ଏବଂ ନିରାକାର ଧଳ ପ୍ରମୁଖ ଯୋଗଦେଇ ମହାବିଷୁବ ସଂକ୍ରାନ୍ତିର ମାହାତ୍ମ୍ୟ ଏବଂ ଓଡ଼ିଆ ସାହିତ୍ୟ ସହିତ 'ବିଷୁବ ମିଳନ'ର ନିବିଡ଼ ସମ୍ପର୍କ ଉପରେ ସଦସ୍ୟମାନେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ସାହିତ୍ୟ କିଭଳି ସମାଜର ଦର୍ପଣ ସଦୃଶ ଏବଂ ଏହା ମାଧ୍ୟମରେ ସାଂସ୍କୃତିକ ଚେତନାର ଜାଗରଣ କିପରି ସମ୍ଭବ, ସେ ନେଇ ଗଭୀର ଆଲୋଚନା ହୋଇଥିଲା । ଏଥିସହିତ ଅନୁଷ୍ଠାନକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଓ ସୁସଂଗଠିତ କରିବା ପାଇଁ ସାଙ୍ଗଠନିକ ରୂପରେଖ ପ୍ରସ୍ତୁତ କରାଯାଇଥିଲା ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ପରିଷଦର ସମ୍ପାଦକ ମନୋଜ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ଅଭିମନ୍ୟୁ ମଲିକ ଉପସ୍ଥିତ ସମସ୍ତ ସାରସ୍ୱତ ପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ନୂତନ ସଦସ୍ୟ ଓ ପରିଷଦ ର ଜାଗା ସମ୍ପର୍କ ରେ ଆଲୋଚନା କରାଯାଇ ଥିଲା ।




# ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀର ତାଳଚେର ଶାଖାର ବୈଠକ

ତାଳଚେର (ନି.ପ୍ର.) ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଗୋବର୍ଦ୍ଧନ ପୀଠ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ଙ୍କର ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଘଂଟପଡ଼ା ଚାଲଗଡ଼ ଶିବ ମନ୍ଦିର ରେ ଅନୁଷ୍ଠିତ ହୋଇଯାଇଛି ।ସଂଗଠନ ସଚିବ ବରୁଣ କୁମାର ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉକ୍ତ ବୈଠକ ରେ ପ୍ରାକ୍ତନ ବରିଷ୍ଠ ପ୍ରଶାସକ ହେମନ୍ତ ଦାସ ମୁଖ୍ୟ ଅତିଥି ଏବଂ ଆଦିତ୍ୟ ବାହିନୀ ର ଓଡିଶା ପ୍ରଦେଶ ର ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।ମୁଖ୍ୟ ଅତିଥି ଜଗତଗୁରୁ ସ୍ବୂଜ୍ୟ ଓ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଙ୍କର ଭାରତ କୁ ହିନ୍ଦୁରାଷ୍ଟ୍ର ପରିକଳ୍ପନା ପାଇଁ ଯେଉଁ ସବୁ ପ୍ରୟାସ ଜାରି ରହିଛି ସେହି ବିଷୟ ରଖିଥିଲେ ।ମୁଖ୍ୟ ବକ୍ତା ପଣ୍ଡିତ ମାତୃ ପ୍ରସାଦ ମିଶ୍ର ସଂଗଠନ ର ଗତିବିଧି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରକାଶ କରିଥିଲେ ।ହିନ୍ଦୁ ସମାଜ ଏକ ହୋଇ ହିନ୍ଦୁ ରାଷ୍ଟ୍ର ଲକ୍ଷ ନେଇ ଶାସ୍ତ୍ର ସହ ଶସ୍ତ୍ର ର ଆବଶ୍ୟକତା ଉପରେ ବିଚାର ରଖିଥିଲେ ।ଅନୁଗୁଳ ଜିଲ୍ଲା ତଥା ତାଳଚେର ରେ ସଂଗଠନ କୁ ସୁଦୃଢ କରିବା ଉପରେ ମତ ରଖିଥିଲେ ।ସଂଯୋଜକ ପର୍ଶୁରାମ ବାରିକ ବୈଠକ ରେ ସଂଯୋଜନା କରିଥିଲେ ।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସହ ଜିଲ୍ଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ଡ଼ା ସଂଜୀବ ରାଉତ ଯୋଗ ଦେଇଥିଲେ ।ଆଗାମୀ ୨୧ ତାରିଖ ରେ ଶଙ୍କର ଜୟନ୍ତୀ ପାଇଁ ପୁରୀ ଯିବା ଉପରେ ଆଲୋଚନା ହୋଇଥିଲା ।ଆଗାମୀ ୩ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା ।କ୍ଷେତ୍ରୀୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଜିଲ୍ଲା ସଭାପତି ଲଳିତ କୁମାର ଦାସ, କୋଷାଧକ୍ଷ କାଲୁ କୁମାର ସାହୁ ପ୍ରାକ୍ତନ ଜିଲ୍ଲା ସଭାପତି ବାସୁଦେବ ହୋତା, ଙ୍କ ସମେତ ଅନୁଗୁଳ ଜିଲ୍ଲାର ବହୁ କର୍ମକର୍ତା ଯୋଗ ଦେଇଥିଲେ ।ପୀଠ ପରିଷଦ ରେ ପର୍ଶୁରାମ ବାରିକ, ବୃନ୍ଦାବନ ବେହେରା, ବୁଦ୍ଧିମନ୍ତ ପାତ୍ର, ମଦନ ସୁନ୍ଦର ପ୍ରଧାନ ଓ ବୀର କିଶୋର ମିଶ୍ର, ଆନନ୍ଦ ବାହିନୀ ରେ ସରୋଜିନୀ ସାହୁ, ଲିକି ପ୍ରଧାନ, ସବିତା ସାହୁ, କାଂଚନ ବାଳା ପ୍ରଧାନ, ଲିଲି ସାହୁ ଓ ସୁମିତା ରଥ, ଆଦିତ୍ୟ ବାହିନୀ ରେ ଅଧ୍ୟକ୍ଷ ଜ୍ୟୋତିର୍ମୟ ରଥ, ଉପାଧ୍ୟକ୍ଷ ବିଜୟ କୁମାର ସାହୁ, ସଚିବ ବିକାଶ କୁମାର ସାହୁ, ସହ ସଚିବ ସୁଶାନ୍ତ କୁମାର ବିଶ୍ୱାଳ, କୋଷାଧକ୍ଷ ଅନ୍ତର୍ଯ୍ୟାମୀ ସାହୁ, ସହ କୋଷାଧକ୍ଷ ସୁରେଶ କୁମାର ସାହୁ, ସଂଗଠନ ସଚିବ ଅମୁଲ୍ୟ ସାହୁ, ପ୍ରଚାର ସଚିବ ସୁନୀଲ କୁମାର ସାହୁ, ସାଂକୃତିକ ସଚିବ ଲୁଲୁ ସାହୁ, ସେବା ସଚିବ ବବଲୁ ସାହୁ, କାର୍ଯ୍ୟାଳୟ ସଚିବ ସୁଶୀଲ ସାହୁ, ମିଡ଼ିଆ ସେଲ ସଚିବ ଅମିତ କୁମାର ସାହୁ ଙ୍କୁ ମନୋନୀତ କରାଯାଇଛି ।କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୯୭ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି ।ନୂତନ କମିଟି ୩ ବର୍ଷ ପାଇଁ କାର୍ଯ୍ୟ କରିବ ।ତାଳଚେର ଶାଖାର ପ୍ରମୁଖ ଭାବେ ବରୁଣ କୁମାର ସାହୁ ଓ ପର୍ଶୁରାମ ବାରିକ ଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ ।



# ଗଜପତି ଜିଲ୍ଲାର ଦୁଇଜଣ ଛାତ୍ରୀଙ୍କ ମୃତ୍ୟୁ :

## ଶୋକ ପ୍ରକାଶ ସହ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଗଜପତି ଜିଲ୍ଲା ନୂଆଗଡ ବ୍ଲକ ସ୍ଥିତ ରୁବିଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ସ୍କୁଲ ଗେଟ୍ ପଡିବା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ତାହାର ସବିଶେଷ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଉଉ ସ୍ତରୀୟ ତଦନ୍ତ ଘୋଷଣା କରିଛନ୍ତି । ଦକ୍ଷିଣାଂଚଳ ରାଜସ୍ୱ କମିଶନର ଏହି ଘଟଣାର ତଦନ୍ତ କରିବେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ଉଗଜରରୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି ।



ଦକ୍ଷିଣ ପୂର୍ବ ରେଳପଥ ମୁଖ୍ୟାଳୟ, ଗାର୍ଡେନ୍ ରିଚ୍‌ରେ ଡକ୍ଟର ବି. ଆର. ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ଜୈନ ।








# ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ସମ୍ରାଟ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଶ୍ରୀ ସମ୍ରାଟ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶ୍ରୀ ସମ୍ରାଟ ଚୌଧୁରୀଙ୍କ ଉର୍ଜା, ଜନସେବା ପ୍ରତି ତାଙ୍କର ସମର୍ପଣ ଏବଂ ତୃଣମୂଳସ୍ତରର ଅଭିଜ୍ଞତା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ । ତାଙ୍କର ଦକ୍ଷ ନେତୃତ୍ୱରେ ବିହାର ସାମଗ୍ରିକ ବିକାଶର ନୂତନ ଶିଖର ଛୁଇଁବା ସହିତ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି । ସେହିପରି ବିହାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଶ୍ରୀ ବିଜୟ କୁମାର ଚୌଧୁରୀ ଏବଂ ଶ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମଧ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି । ସେ ବିଶ୍ୱାସର ସହିତ କହିଛନ୍ତି, ତୃଣମୂଳସ୍ତରରେ ସେମାନଙ୍କର ଅଭିଜ୍ଞତା ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ବିହାରର ବିକାଶକୁ ନୂଆ ମାର୍ଗ ଓ ଗତି ଦେବ । ଏଥିସହିତ ରାଜ୍ୟ ସୁଶାସନ, ପାରଦର୍ଶିତା ଏବଂ ଜନକଲ୍ୟାଣର ନୂଆ ମାନଦଣ୍ଡ ପ୍ରତିଷ୍ଠା କରିବ ବୋଲି ସେ କହିଛନ୍ତି ।ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି; ‘‘ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପାଇଁ ସମ୍ରାଟ ଚୌଧୁରୀ ଜୀଙ୍କୁ ଅନେକ ଅନେକ ଅଭିନନ୍ଦନ ଏବଂ ଶୁଭକାମନା ! ତାଙ୍କର ଉର୍ଜା, ଜନସେବା ପ୍ରତି ସମର୍ପଣ ଏବଂ ତୃଣମୂଳସ୍ତରର ଅଭିଜ୍ଞତା ରାଜ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ । ମୋର ପୂର୍ଣ୍ଣ ବିଶ୍ୱାସ ଯେ ତାଙ୍କ ଦକ୍ଷ ନେତୃତ୍ୱରେ, ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବିହାରସାମଗ୍ରିକ ବିକାଶର ନୂତନ ଶିଖରରେ ପହଂଚିବ ।’’ @samrat4bjp’’ ‘‘ବିହାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଶ୍ରୀ ବିଜୟ କୁମାର ଚୌଧୁରୀ ଏବଂ ଶ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମଧ ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନା ! ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ଯେ, ଏମାନଙ୍କର ତୃଣମୂଳସ୍ତରର ଅଭିଜ୍ଞତା ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ବିହାରର ବିକାଶକୁ ନୂଆ ମାର୍ଗ ଓ ଗତି ଦେବ ।ଏଥିସହିତ ରାଜ୍ୟ ସୁଶାସନ, ପାରଦର୍ଶିତା ଏବଂ ଜନକଲ୍ୟାଣର ନୂଆ ମାନଦଣ୍ଡ ପ୍ରତିଷ୍ଠା କରିବ ।’’

# ଓଡ଼ିଆ ଅସ୍ମିତାକୁ ବର୍ଷବ୍ୟାପି ଜୀବନ ଶୈଳୀର ଅଂଶ କରିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ପବିତ୍ର ଅବସରରେ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ “ଓଡ଼ିଆ ପକ୍ଷ ଉଦ୍ ?ଯାପନୀ–୨୦୨୬” ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ କେବଳ ଚଉଦ ଦିନରେ ସୀମିତ ରଖିବା ନୁହେଁ, ବରଂ ବର୍ଷବ୍ୟାପି ଜୀବନ ଶୈଳୀର ଅବିଚ୍ଛିନ୍ନ ଅଂଶ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଥିଲେ ଯେ, ‘ଓଡ଼ିଆ ପକ୍ଷ’ର ଏହି ସଫଳ ଆୟୋଜନ କେବଳ ଏକ ଉତ୍ସବ ନୁହେଁ, ଏହା ଆମ ଅସ୍ମିତାର ଉଦ୍‌ଘୋଷଣା ଓ ଏକ ନୂତନ ସାଂସ୍କୃତିକ ଜାଗରଣର ଆରମ୍ଭ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାଂସ୍କୃତିକ ଆଧାର ବିନା ଆର୍ଥିକ ସମୃଦ୍ଧିର କୌଣସି ଅର୍ଥ ନାହିଁ । ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ହୋଇଥିବା ଐତିହାସିକ ସଂଘର୍ଷକୁ ସ୍ମରଣ କରି ସେ କହିଥିଲେ ଯେ, ଏହି ଆନ୍ଦୋଳନ ଆମର ଜାତୀୟ ପରିଚୟକୁ ସୁଦୃଢ଼ କରିଛି । ଗଙ୍ଗାଧର ମେହେର, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଫକୀରମୋହନ ସେନାପତିଙ୍କ ପରି ବରେଣ୍ୟ ସାହିତ୍ୟିକମାନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିବାର ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଚଳିତ ବର୍ଷ ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା ‘ଓଡ଼ିଆ ପକ୍ଷ’ ପାଳନ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବ୍ୟବହାରକୁ ଜନଆନ୍ଦୋଳନର ସାଂସ୍କୃତିକ ବୈଭବକୁ ଜାଗୃତ କରାଯାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ



ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ସମାଜର ପ୍ରତ୍ୟେକ ସ୍ତରରେ ଜାଗୃତ କରିବାର ଚେଷ୍ଟା କରାଯାଇଛି । ‘ଆମ ପୋଷାକ ଆମ ପରିଚୟ’ ଅଭିଯାନ ମାଧ୍ୟମରେ ପାରମ୍ପରିକ ହସ୍ତତନ୍ତ ବସ୍ତ୍ରର ପ୍ରଚାର, ‘ପ୍ରବେଶ ଉତ୍ସବ’ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷାରେ ସାମିଲ କରିବା ଓ ବ୍ୟବସାୟିକ ରୂପ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ଏହି ପକ୍ଷରେ ୧୮ ହଜାରରୁ ଅଧିକ ‘ବର୍ଣ୍ଣବୋଧ’ ଓ ‘ଶିଶୁଲେଖା’ ପୁସ୍ତକ ବିତରଣ, ଏକ ଦିନରେ ରେକର୍ଡ ସଂଖ୍ୟକ ଇଉନିଟ୍ ରକ୍ତ ସଂଗ୍ରହ ଏବଂ ପିପିଲିରେ ଆୟୋଜିତ ଲୋକକଳା ରୋଡ୍ ଶୋ’ ମାଧ୍ୟମରେ ଓଡ଼ିଶାର କରିଥିଲେ । ପଖାଳ ପରମ୍ପରାର ବିଶ୍ୱସ୍ତରୀୟ ସ୍ୱୀକୃତି ଓ ଲୋକକଳାର ପ୍ରସାର ଓଡ଼ିଆ ସଂସ୍କୃତିର ଗୌରବକୁ ବଢ଼ାଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ଚଳିତ ବଜେଟ୍ ?ରେ ୬୧୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଛଉ ନୃତ୍ୟର ସଂରକ୍ଷଣ ପାଇଁ ‘ଛଉ ଏକାଡେମୀ’ ପ୍ରତିଷ୍ଠା ଓ ବରପୁତ୍ରମାନଙ୍କ ଜନ୍ମପୀଠକୁ ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକାଶ କରିବା ପାଇଁ ଯୋଜନା ହୋଇଥିବା ସେ ଜଣାଇଥିଲେ । ସେ ପୁଣି କହିଥିଲେ ଯେ, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବଢ଼ାଇବା ସହ ସମସ୍ତ ବିଦ୍ୟାଳୟରେ ଓଡ଼ିଆ ପଢ଼ାଇବାକୁ ବାଧ୍ୟତାମୂଳକ କରାଯିବ । ଠସମ୍ବସକ୍ଟଭ ୨୦୩୬ ଓ ୨୦୪୭ ଲକ୍ଷ୍ୟ ଅନୁସାରେ ଓଡ଼ିଶାକୁ ଏକ ବିକଶିତ ଓ ସାଂସ୍କୃତିକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ଆହ୍ୱାନ କରିଥିଲେ । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ବିଭିନ୍ନ ପୁସ୍ତକ ଉନ୍ମୋଚନ କରିଥିଲେ ।

# ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ପାଇଁ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଜାରି କଲେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ୍

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଓ ସହରାଂଚଳ ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ ଆଜି ନୂଆଦିଲ୍ଲୀଠାରେ ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ (ୟୁସିଏଫ)ର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଓ ଋଣ ପରିଶୋଧ ଋଣଗ୍ୟାରେଣ୍ଟି ସବ୍-ସ୍କିମ୍ (ସିଆରଜିଏସଏସ)ର ଶୁଭାରମ୍ଭ କରିଛନ୍ତି । ଏହି ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ଏହାର ଲକ୍ଷ୍ୟ ହେଉଛି ସହରଗୁଡ଼ିକୁ ଅଭିବୃଦ୍ଧିର କେନ୍ଦ୍ରରେ ପରିଣତ କରିବା ସହ ଭାରତର ସହରୀ ଭବିଷ୍ୟତକୁ ଆଗକୁ ନେବା । ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ, ଗୁଜରାଟ, ଓଡ଼ିଶା ଆଦି ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗଦେଇଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଯାଦବ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦବୋଧନ




ଦେଇଥିଲେ । ନିଜର ସମ୍ବୋଧନରେ ଶ୍ରୀ ମନୋହର ଲାଲ କହିଥିଲେ ଯେ ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ ସହରାଂଚଳ ବିକାଶ କ୍ଷେତ୍ରରେ ଭାରତର ପରିବର୍ତ୍ତିତ ଆଭିମୁଖ୍ୟକୁ ଦର୍ଶାଉଛି । ସେ କହିଥିଲେ ଯେ ଏହି ପାଣ୍ଠି କେବଳ ଅନୁଦାନ ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ବଡ଼ ନିବେଶଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ସାର୍ବଜନୀନ ପାଣ୍ଠିର ବ୍ୟବହାର ଏବଂ ସହରଗୁଡ଼ିକୁ ଆର୍ଥିକ ଦୃଷ୍ଟିକୋଣରୁ ସୁଦୃଢ ଓ ନିବେଶ ଅନୁକୂଳ କରିବା ଉପରେ ବି ଗୁରୁତ୍ୱ ଦିଏ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ସହରଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିର ଇଞ୍ଜିନ ଭାବରେ ଉଭା ହେଉଛି । ସହରଗୁଡ଼ିକୁ କେତେ ପ୍ରଭାବଶାଳୀ ଭାବରେ ଯୋଜନା, ଆର୍ଥିକ ସହାୟତା ଏବଂ ପରିଚାଳନା କରାଯିବ ତାହା ଉପରେ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ନିର୍ଭର କରିବ । ଅମୃତ, ସ୍ୱଚ୍ଛ ଭାରତ ମିଶନ ଏବଂ ସ୍ମାର୍ଟ ସିଟି ମିଶନ ଭଳି ପଦକ୍ଷେପଗୁଡ଼ିକ ସହରାଂଚଳ ଭିତିଭୂମିକୁ ସୁଦୃଢ଼ କରିଥିବା ବେଳେ, ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସହରଗୁଡ଼ିକ ନିବେଶ ପାଇଁ ପ୍ରସ୍ତୁତ ଏବଂ ଆର୍ଥିକ ଦୃଷ୍ଟିରୁ ସୁଦୃଢ ହେବା ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡରେ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ରାଶି ଅନ୍ତର୍ଭୁକ୍ତ ରହିଛି ।

# ଏପ୍ରିଲ ୧୭-୧୮ରେ ଦେଶବ୍ୟାପୀ ‘ନାରୀ ଶକ୍ତି ବନ୍ଦନ ଦୌଡ଼’ ଆୟୋଜନ

ନୂଆଦିଲ୍ଲୀ : ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ବିକଶିତ ଭାରତର ଦୃଷ୍ଟିକୋଣରେ ନାଗରିକ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପର ଅଂଶ ସ୍ୱରୂପ, ୧୭ ଏବଂ ୧୮ ଏପ୍ରିଲ ୨୦୨୬ ରେ ସାତଟି ପ୍ରମୁଖ ସହରରେ ଏକ ଦେଶବ୍ୟାପୀ ‘ନାରୀ ଶକ୍ତି ବନ୍ଦନ ଦୌଡ଼‘ ଆୟୋଜନ କରିବ । ୯ନାରୀଶକ୍ତି ବନ୍ଦନ ବିଷୟବସ୍ତୁ ଉପରେ ଏହି କାର୍ଯ୍ୟକ୍ରମ ଦିଲ୍ଲୀ, କଟକ, ପାଟନା, ମୁମ୍ବାଇ, ଇନ୍ଦୋର, ବେଙ୍ଗାଲୁରୁ ଏବଂ ଜୟପୁରରେ ଅନୁଷ୍ଠିତ ହେବ । ପାଟନା ଏବଂ ଜୟପୁରରେ ୧୭ ଏପ୍ରିଲ ୨୦୨୬ ରେ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ, ଅବଶିଷ୍ଟ ସହର - ଦିଲ୍ଲୀ, କଟକ, ମୁମ୍ବାଇ, ଇନ୍ଦୋର ଏବଂ ବେଙ୍ଗାଲୁରୁ - ୧୮ ଏପ୍ରିଲ ୨୦୨୬ରେ ଏହି ଦୌଡ଼ ଆୟୋଜନ କରିବେ । କାର୍ଯ୍ୟକ୍ରମଟି ଭୋରରୁ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ସହିତ ଆରମ୍ଭ ହେବ, ତା’ପରେ ଏକ




ଉଦଘାଟନୀ ଅଧିବେଶନ ହେବ ଯେଉଁଥିରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ, ମୁଖ୍ୟ ଅତିଥିଙ୍କ ଅଭିଭାଷଣ ଏବଂ ’ନାରୀ ଶକ୍ତି’ ର ଶପଥ ନିଆଯିବ । ପ୍ରାୟ ୨ ରୁ ୩ କିଲୋମିଟର ବ୍ୟାପୀ ଏହି ଦୌଡ଼ ପ୍ରତ୍ୟେକ ସହରର ପ୍ରମୁଖ ସାର୍ବଜନୀନ ସ୍ଥାନରେ ଆୟୋଜିତ ହେବ । ପ୍ରମାଣପତ୍ର ବଂଟନ ସହିତ କାର୍ଯ୍ୟକ୍ରମ ଶେଷ ହେବ । ଏହି ପ୍ରୟାସର ଲକ୍ଷ୍ୟ ଛାତ୍ର, ପେଶାଦାର, ଉଦ୍ୟୋଗୀ, କ୍ରୀଡାବିତ୍ ଏବଂ ନାଗରିକ ସମାଜର ସଦସ୍ୟଙ୍କ ସମେତ ବିଭିନ୍ନ ପୃଷ୍ଠଭୂମିର ମହିଳାମାନଙ୍କୁ ବହୁଳ ପରିମାଣରେ ଅଂଶଗ୍ରହଣ କରାଇବା । ମାଇଁ ଭାରତ, ନ୍ୟାସନାଲ୍ ସର୍ଭିସ୍ ସ୍କିମ୍ (ଏନଏସଏସ), ଭାରତୀୟ କ୍ରୀଡା ପ୍ରାଧିକରଣ (ଏସଏଆଇ) ଏବଂ ଅନ୍ୟାନ୍ୟ ସହଭାଗୀ ସଂଗଠନ ମାଧ୍ୟମରେ ଅଂଶଗ୍ରହଣକୁ ସୁଗମ କରାଯାଉଛି । ‘ନାରୀ ଶକ୍ତି ବନ୍ଦନ ଦୌଡ଼‘ ମଧ ସଂସଦର ୧୬ ରୁ ୧୮ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ପରିପ୍ରେକ୍ଷୀରେ ଆୟୋଜିତ ହେଉଛି, ଯେଉଁ ସମୟରେ ମହିଳା ପ୍ରତିନିଧିତ୍ୱ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ । ଏହି ପଦକ୍ଷେପ ଅନ୍ତର୍ଭୁକ୍ତ ପ୍ରତିନିଧିତ୍ୱ ଉପରେ ବ୍ୟାପକ ଜାତୀୟ ଆଲୋଚନା ସହିତ ସମନ୍ୱୟ ରଖି ଶାସନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ମହିଳାମାନଙ୍କର ଅଂଶଗ୍ରହଣ ବିଷୟରେ ଜନସଚେତନତା ଏବଂ ସମ୍ପୃକ୍ତିକୁ ବୃଦ୍ଧି କରିବାକୁ ଚେଷ୍ଟା କରେ । ଏହି କାର୍ଯ୍ୟକ୍ରମ ମହିଳା ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ ଏବଂ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାରେ ପ୍ରମୁଖ ଅବଦାନକାରୀ ଭାବରେ ମହିଳାମାନଙ୍କର ଭୂମିକାକୁ ସୁଦୃଢ଼ କରିବାକୁ ଚେଷ୍ଟା କରେ ।

10001/47/2627

## ଅଂଶୁଘାତ ସତର୍କତା



### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0004


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**